

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୯ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 September 2024

Vol.No. 35 ■ No.261 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପୋଲିସଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍ : ବ୍ୟବହାର ସୁଧାରି, ସୁଧୁରି ଯାଅ



ଭୁବନେଶ୍ୱର, ୨୮/୯ (ନି.ପ୍ର): ଗୋଟିଏ ପଟେ ତାଗିଦ୍, ଅନ୍ୟପଟେ ଏ ସରକାର, ପୋଲିସ ସହ ଠିଆ ହୋଇଥିବାର ସନ୍ଦେଶ । ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ସମ୍ମିଳନୀର ଦ୍ୱିତୀୟ ଦିନରେ ସମ୍ବୋଧିତ କରି ବିଶେଷ କରି ପୋଲିସ ପ୍ରଶାସନକୁ ସେବା ଓ ସୁରକ୍ଷାର ପାଠ ପଢ଼ାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଗତକାଲି ଭଳି ଥାନାରେ ତାଙ୍କ ପ୍ରତି ହୋଇଥିବା ପୋଲିସ ବ୍ୟବହାର କଥା ଦୋହରାଇ ସଫା ସଫା କହିଛନ୍ତି ଥାନାକୁ ଆସୁଥିବା ଲୋକ ସହ ଆଚରଣ ଓ ଉଚ୍ଚାରଣ ସର୍ବଦା ଭଲ ରଖ। ସିଧାସଳଖ ନହେଲେ ବି ଭରତପୁର ଥାନା କାଣ୍ଡକୁ ଇଙ୍ଗିତ କରି କହିଛନ୍ତି, ଅଭିଯୋଗ ନେଇ ରାତି ୨ଟାରେ ବି ଯିଏ ଥାନାକୁ ଆସୁଛି, ତାଙ୍କ କଥା ଶୁଣିବାକୁ ହେବ। ୮-୧୦ ଘଣ୍ଟାରେ ଡ୍ୟୁଟିକୁ ସୀମିତ ନକରି ୨୪ ଘଣ୍ଟା କାମ କରିବାକୁ ହେବ। ଏଥିସହ ଦୁର୍ନୀତି, ଅନିୟମିତତା, କ୍ଷମତା ଦୁରୁପଯୋଗକୁ ବରଦାସ୍ତ କରାଯିବନି, କାମରେ ଯାହାର ତ୍ରୁଟି ରହୁଛି, ତାକୁ ସୁଧାରି ସୁଧୁରି ଯିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବିଜେଡି ସରକାରରେ ଦଣ୍ଡବିଧାନର ହାର କଥା ଉଠାଇ କ୍ଷୋଭ ପ୍ରକାଶ କରିବା ସହିତ କହିଛନ୍ତି, ୨୦୨୨ ପର୍ଯ୍ୟନ୍ତ ମହିଳା ବିରୋଧୀ ହିଂସାରେ ଦଣ୍ଡହାର ମାତ୍ର ୯.୭୩ ପ୍ରତିଶତ ଥିଲା । ଆମ ସରକାର ଏହାକୁ ବରଦାସ୍ତ କରିବନି କହି ସପ୍ତାହେ ଭିତରେ ଏସପିମାନଙ୍କୁ ଏସଂପର୍କିତ ପେଣ୍ଡିଂ ମାମଲା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ଚୋର ଡାଳେ ଡାଳେ ଗଲେ ପୋଲିସ ପତ୍ରେ ପତ୍ରେ ଯିବାକୁ ପରାମର୍ଶ ଦେଇ ଅପରାଧୀ ଯେଉଁ ପଦ ମର୍ଯ୍ୟାଦାରେ ଥିଲେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନର ଚେତାବନୀ ବି ଦେଇଛନ୍ତି। ମାଓବାଦୀ ପ୍ରସଙ୍ଗ ଉଠାଇ ମାଓ ବିରୋଧୀ ଲଢ଼େଇ ଶେଷ ପର୍ଯ୍ୟାୟରେ ଥିବାରୁ ହିଂସା ପରିହାର କରି ମାଓବାଦୀମାନଙ୍କୁ ମୁଖ୍ୟସ୍ରୋତକୁ ଫେରି ଆସିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ପୋଲିସ ପ୍ରଶାସନକୁ ତାଗିଦ୍ ସହ ପୋଲିସ ବ୍ୟବସ୍ଥାରେ ଆବଶ୍ୟକ ଥିବା ଭିତ୍ତିଭୂମି ଓ ମାନବସମ୍ବଳ ପୂରଣ କରାଯିବାର ଭରସା ବି ଦେଇଛନ୍ତି ମୁଖ୍ୟମନ୍ତ୍ରୀ । କହିଛନ୍ତି ପ୍ରତି ଥାନାକୁ ଆବଶ୍ୟକ ଅନୁଯାୟୀ, ନୂଆ ବାଇକ୍ ଦିଆଯିବ। ▶▶ପୃଷ୍ଠା ୭

## ଆନ୍ଦୋଳନରୁ ଓହରିବେ ନର୍ସିଂ ସଂଘ: ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮/୯ (ନି.ପ୍ର): ଆଜି ରାତି ସୁଦ୍ଧା ଆନ୍ଦୋଳନରୁ ଓହରିପାରନ୍ତି ନର୍ସ । ଆନ୍ଦୋଳନ ପ୍ରତ୍ୟାହାର ପାଇଁ ନର୍ସିଂ ସଂଘ ରାଜି ହୋଇଥିବା କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ନର୍ସିଂ ସଂଘ ସହ ଆଲୋଚନା ପରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଆଲୋଚନା ହୋଇଛି । ଆନ୍ଦୋଳନ ପ୍ରତ୍ୟାହାର ପାଇଁ ସେମାନଙ୍କୁ ଅପିଲ୍ କରିଛି ଏବଂ ସେମାନେ ରାଜି ହୋଇଛନ୍ତି । ଆଜିଠୁ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ନର୍ସିଂ ସଂଘ ରାଜି ହୋଇଛନ୍ତି ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଅନ୍ୟପକ୍ଷରେ ନର୍ସିଂ ସଂଘ ସଭାପତି ମଧ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା ଫଳପ୍ରଦ ହୋଇଛି ବୋଲି କହିଛନ୍ତି । ଦାବି ପୂରଣ ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁସାରେ, ଆସନ୍ତାକାଲିଠାରୁ ଆମେ ରୋଗୀସେବାରେ ଯୋଗ ଦେବୁ ବୋଲି କହିଛନ୍ତି ନର୍ସିଂ ସଂଘ ସଭାପତି । ସୂଚନାଯୋଗ୍ୟ ଯେ, ୨୦୧୩ ପୂର୍ବରୁ ନିଯୁକ୍ତ ନର୍ସିଂ ଅଫିସରଙ୍କ ▶▶ପୃଷ୍ଠା ୭

## ମର୍ମନ୍ତୁଦ ବସ୍ ଦୁର୍ଘଟଣା: ୪ ମୃତ



ଜଳେଶ୍ୱର ୨୮/୯(ନୀପ୍ର): ଅଧା ରହିଗଲା ଜଗା ଦର୍ଶନ,ଭାରସାମ୍ୟ ହରାଇ ଜାତୀୟ ରାଜପଥ ୬୦ ଏକତାଳି ବାଇପାସ୍ ନିକଟ ରେ ୨୦ ଫୁଟ ତଳକୁ ଓଲଟିଲା ତୀର୍ଥ ଯାତ୍ରୀ ବସ। ମର୍ମନ୍ତୁଦ ସଡକ ଦୁର୍ଘଟଣା ରେ ଚାଲି ଗଲା ୪ ଜଣ ତୀର୍ଥ ଯାତ୍ରୀ ଙ୍କ ଜୀବନ ,୫୩ ଜଣ ତୀର୍ଥ ଯାତ୍ରୀଙ୍କୁ ବାଲେଶ୍ୱର ଓ ଜଳେଶ୍ୱର ହସ୍ପିଟାଲ ଚିକିତ୍ସିତ କରାଇ ଯାତ୍ରୀ ମାନଙ୍କୁ ବସ ଓ ଆମ୍ବୁଲାନ୍ସ ଯୋଗେ ଉତ୍ତର ପ୍ରଦେଶ ପଠାଇଲେ ଓଡ଼ିଶା ସରକାର । ବସ ତଳେ ଚାପି ହୋଇ ରହିଥିଲେ ୫୭ ଯାତ୍ରୀ ।ଉଦ୍ଧାର ପାଇଁ ୩ ରୁ ୪ ଘଣ୍ଟାର ଚାଲିଥିଲା ରେସ୍କ୍ୟୁ ଅପରେସନ। ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ର ଏକତାଳି ବାଇପାସ ନିକଟରେ ରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ▶▶ପୃଷ୍ଠା ୭

## ୭ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି

■ଏଜିଙ୍କ ଫି' ୫ଗୁଣ ବୃଦ୍ଧି
■ଆଉ ଦେଢ଼ବର୍ଷ ବଢ଼ିଲା ଘରୋଇ ଡିଲରଙ୍କ କାର୍ଯ୍ୟକାଳ
■ରାଜ୍ୟରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା



ଭୁବନେଶ୍ୱର, ୨୮/୯ (ନି.ପ୍ର): ସାଧାରଣ ବଂଟନ ବ୍ୟବସ୍ଥାରେ ରାଜ୍ୟରେ କାର୍ଯ୍ୟରତ ୫୨୯୧ଜଣ ଘରୋଇ ଡିଲରଙ୍କ କାର୍ଯ୍ୟକାଳ ଆଉ ଦେଢ଼ବର୍ଷ ବୃଦ୍ଧି ପାଇଛି । ସେହିପରି ବିଭିନ୍ନ କୋର୍ଟ ଓ ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ମାମଲା ଲଢ଼ୁଥିବା ଆଡଭୋକେଟ୍ ଜେନେରାଲଙ୍କ ଫି'କୁ ମଧ୍ୟ ସରକାର ହାରାହାରି ୫ଗୁଣ ବଢ଼ାଇଛନ୍ତି । ଏସବୁ ପ୍ରସ୍ତାବ ସମେତ ମୋଟ ୭ଟି ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି । ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଓଡ଼ିଶା ସାଧାରଣ ବଂଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ,୨୦୧୬'ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଫଳରେ ଘରୋଇ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଆଉ ଦେଢ଼ବର୍ଷ ଅର୍ଥାତ୍ ଆସନ୍ତା ୨୦୨୬ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଘରୋଇ ଡିଲରମାନଙ୍କ କାର୍ଯ୍ୟକାଳ ଚଳିତବର୍ଷ ସେପ୍ଟେମ୍ବର ୩୦ତାରିଖରେ ଶେଷ ହେଉଛି । ସମସ୍ତ ଘରୋଇ ଡିଲାରଙ୍କୁ ଏକକାଳୀନ ଉଚ୍ଛେଦ କରିବାରେ ପ୍ରଶାସନିକ ଅସୁବିଧା ଓ ସାଧାରଣ ବଂଟନରେ ଅବ୍ୟବସ୍ଥାର ଆଶଙ୍କା ରହିଥିବାରୁ ସେମାନଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୬ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ୨୦୧୫ ନଭେମ୍ବର ମାସରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ କାର୍ଯ୍ୟକାରୀ ହେଉଛି ଓ ଏହି ଆଇନରେ ୬ମାସ ମଧ୍ୟରେ ଘରୋଇ ଡିଲର ବ୍ୟବସ୍ଥା ଉଚ୍ଛେଦ ପାଇଁ ପ୍ରାବଧାନ ଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ କାର୍ଯ୍ୟକାଳ ବାରମ୍ବାର ବଢ଼ାଇ ଚାଲିଛନ୍ତି । ବିଜେଡି ସରକାର ଏହି ଘରୋଇ ଡିଲରଙ୍କ କାର୍ଯ୍ୟକାଳକୁ ଥରକରେ ୬ମାସରୁ ଏକବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରୁଥିବାବେଳେ ବିଜେପି ସରକାର ଆଜି ଦେଢ଼ବର୍ଷ ପାଇଁ ବଢ଼ାଇ ଦେଇଛନ୍ତି । ରାଜ୍ୟରେ ସାଧାରଣ ▶▶ପୃଷ୍ଠା ୭

## ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ: ୫ ଶ୍ରମିକ ଗୁରୁତର

ରାଉରକେଲା, ୨୯/୯ (ନି.ପ୍ର): ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଆଜି ସକାଳେ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ଯୋଗୁ ୫ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଏସ୍‌ଏମ୍‌ଏସ୍-୧ ୟୁନିଟ୍‌ରେ ଏହି ବିସ୍ଫୋରଣ ହୋଇଛି। ସକାଳ ପ୍ରାୟ ସାଢେ ୯ଟା ବେଳେ ଏହି ଅଘଟଣ ଘଟିଛି। ଗୁରୁତର ୫ ଶ୍ରମିକଙ୍କୁ ତୁରନ୍ତ ଆଇଜିଏଚ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗୁରୁତରମାନେ ହେଲେ ହେମନ୍ତ କୁମାର ମେହର, ଭାଗବତ ମୁର୍ମୁ, ଜି.ବି କାଲୋ, କେ.କେ ବାରିକ ଓ ପ୍ରଦୀପ ଇକ୍କା।

## ଭରତପୁର ଥାନା କାଣ୍ଡ

### ଆଜି ଗୁଜରାଟ ଯିବେ ୫ ପୁଲିସ୍ ଅଧିକାରୀ: ହେବ ପଲିଗ୍ରାଫ ଟେଷ୍ଟ

ଭୁବନେଶ୍ୱର, ୨୮/୯ (ନି.ପ୍ର): ଭୁବନେଶ୍ୱରର ଭରତପୁର ଥାନାରେ ମେଜର ଗୁରୁବଂଶ ସିଂହ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ୫ ପୁଲିସ ଅଧିକାରୀଙ୍କର ହେବ ପଲିଗ୍ରାଫ ଟେଷ୍ଟ। ଏଥିନିମନ୍ତେ ସେମାନଙ୍କୁ ଧରି ଆସନ୍ତାକାଲି ଗୁଜରାଟ ଯିବ କ୍ରାଇମବ୍ରାଞ୍ଚ ଟିମ୍। ସୋମବାର ଭରତପୁର ଥାନାର ନିଲମ୍ବିତ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ, ବ୍ରେନ୍ ମ୍ୟାପିଂ ଓ ନାର୍କୋ ଟେଷ୍ଟ କରାଯିବ । ଏଥିସହ ଅନ୍ୟ ୪ଜଣ ପୁଲିସ ଅଧିକାରୀଙ୍କର ମଧ୍ୟ ଗୁଜରାଟରେ ପଲିଗ୍ରାଫ ଟେଷ୍ଟ କରାଯିବ । ଟେଷ୍ଟ ରିପୋର୍ଟ ଆସିବା ପରେ ପୁଲିସ କେତେ ସତ କହୁଛି ତାହା ଉପରୁ ପରଦା ହଟିବ । ପୂର୍ବରୁ ନିଲମ୍ବିତ ▶▶ପୃଷ୍ଠା ୭

## ବବି-ମାନସଙ୍କୁ ବିଜେଡିରେ ଅଣଦେଖା: ତାଲିକାରୁ ନବୀନ କାଟିଦେଲେ ନାଁ



ଭୁବନେଶ୍ୱର, ୨୮/୯ (ନି.ପ୍ର): ବିଜେଡିର ପରାଜୟ ପରେ ଚାଲିଛି ମଙ୍ଗୁଆଳଙ୍କ ପକ୍ଷଛେଦନ । ଗୋଟିଗୋଟି କରି ହିସାବ ମାଗୁଛନ୍ତି ବିଜେଡି ସୁପ୍ରିମୋ । ବିଜୁ ଜନତା ଦଳର ୨୫ ବର୍ଷର ଶାସନର ଅଣ୍ଟା ଭାଙ୍ଗିବା ପରେ ନବୀନ ଯେମିତି ଏବେ ଫୁଲ୍ ଆକ୍ସନରେ । ଆଉ କାଳ ପଡ଼ିଛି ବବି ଓ ମାନସ ମଙ୍ଗରାଜଙ୍କ ଉପରେ । ସବୁଥିରୁ ଏମାନେ ହେଉଛନ୍ତି ଆଉଟ୍ । ଗତ ୨୫ ତାରିଖରେ ବିଜେଡି ତିନି ତିନିଟି କମିଟି ଘୋଷଣା କରିଥିଲା । ଯାହାର ନାଁ ଥିଲା ଉପଦେଷ୍ଟା କମିଟି, ସଦସ୍ୟତା ଅଭିଯାନ କମିଟି ଓ କାର୍ଯ୍ୟକ୍ରମ ପରିଚାଳନା କମିଟି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ତିନି ▶▶ପୃଷ୍ଠା ୭

## ଅର୍ଥମନ୍ତ୍ରୀଙ୍କ ନାଁରେ ରୁଜୁ ହେବ ମାମଲା: କୋର୍ଟ ଦେଲେ ଆଦେଶ



ନୂଆଦିଲ୍ଲୀ, ୨୮/୯ : ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନାଁରେ ରୁଜୁ ହେବ ମାମଲା। ଏଥିନିମନ୍ତେ ବାଙ୍ଗାଲୁରର ଏକ କୋର୍ଟ ଦେଇଛନ୍ତି ଆଦେଶ । ନିର୍ବାଚନୀ ବଣ୍ଡ ଜରିଆରେ ଜୋରଜବରଦସ୍ତି ଭାବେ ଚାନ୍ଦା ଆଦାୟ ଅଭିଯୋଗରେ ଏହି ମାମଲା ରୁଜୁ ହେବ । ଜନାଧିକାର ସଂଘର୍ଷ ସଙ୍ଗଠନ ପକ୍ଷରୁ ଏନେଇ ସୀତାରମଣ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହାପରେ ବାଙ୍ଗାଲୁରସ୍ଥିତ ଜନପ୍ରତିନିଧିର ବିଶେଷ ଅଦାଲତ ସୀତାରମଣଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଆଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ତିଳକ ନଗର ପୁଲିସ୍ ଏବେ ସୀତାରମଣ ଓ ଅନ୍ୟମାନଙ୍କ ନାଁରେ ମାମଲା ରୁଜୁ କରିବ । ରାଜନୀତିକ ଦଳମାନଙ୍କୁ ଅର୍ଥ ଦାନ କରିବାର ଏକ ମାଧ୍ୟମ ହେଉଛି ନିର୍ବାଚନୀ ବଣ୍ଡ। କେନ୍ଦ୍ର ସରକାର ୨୦୧୭ରେ ନିର୍ବାଚନ ବଣ୍ଡ ସ୍କିମ୍ ଘୋଷଣା କରିଥିଲେ। ଏହି ସ୍କିମ୍ ୨୯ ଜାନୁୟାରୀ ୨୦୧୮ରେ ଆଇନଗତ ଭାବରେ କାର୍ଯ୍ୟକାରୀ ହୋଇଥିଲା। ଏହି ବଣ୍ଡକୁ ଭାରତର ଯେକୌଣସି ନାଗରିକ କିମ୍ବା କମ୍ପାନୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଲେକ୍ଟ ଶାଖାରୁ କିଣି ପାରିବେ ଏବଂ ନିଜ ପସନ୍ଦର କୌଣସି ରାଜନୈତିକ ଦଳକୁ ଦାନ କରିପାରିବେ। ଏଥିରେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀର ନାମ ପ୍ରକାଶ କରାଯିବ ନାହିଁ, ଅର୍ଥାତ୍ ଏହା ଗୋପନ ରହିବ। କିନ୍ତୁ ବିଭିନ୍ନ ରାଜନୀତିକ ଦଳ ଓ କର୍ପୋରେଟ ଡୋନର ବା ଚାନ୍ଦା ଦାତାଙ୍କ ମଧ୍ୟରେ ନିର୍ବାଚନୀ ବଣ୍ଡ ଜରିଆରେ ଅନୈତିକ ଡିଲ୍ କରୁଥିବା ଅଭିଯୋଗ ହୋଇ ଆସୁଥିଲା । ବିଶେଷ କରି କ୍ଷମତାରେ ଥିବା ଦଳଗୁଡ଼ିକ ବଡ଼ବଡ଼ ବ୍ୟବସାୟୀ ଓ ସଂସ୍ଥାମାନଙ୍କଠାରୁ ଚାନ୍ଦା ନିଇ ସେମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଥିଲା । ସୁପ୍ରିମକୋର୍ଟ ଗତ ଫେବୃଆରୀ ୧୫ରେ ଏହାକୁ ଅସାମ୍ବିଧାନିକ କହିବା ସହ ତୁରନ୍ତ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହାର ତଦନ୍ତ ଏସ୍ ?ଆଇଟି ଦ୍ୱାରା କରିବାକୁ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା। କିନ୍ତୁ ଏହାକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଥିଲେ। ଆବେଦନକାରୀ ସାଧାରଣ ଆଇନ ବ୍ୟବସ୍ଥା ଅନୁଯାୟୀ ନିଜର ଅଭିଯୋଗ ଦାଖଲ କରିପାରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଯଦି ସେମାନଙ୍କ ଅଭିଯୋଗର ତଦନ୍ତ ନ ହେବ କିମ୍ବା ରିପୋର୍ଟ ଦାଖଲ କରା ନ ଯିବ, ତା'ହେଲେ ଆବେଦନକାରୀ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ଆସିପାରିବେ ବୋଲି କହିଥିଲେ।

## ଉଦୟ ଦାସଙ୍କ 'ଶୂନ୍ୟ' ଓ ରତିକାନ୍ତ ବେହେରାଙ୍କ 'କୋକେଇ ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ

ବାଲେଶ୍ୱର,୨୮/୯: ବହିଘର ଓ ବିଦ୍ୟାଭାରତୀ ପ୍ରକାଶନ ଓ ସାରସ୍ୱତ ପ୍ରତିଷ୍ଠାନ ଏବଂ ବହିଘର ଲାଇବ୍ରେରୀ ଆନୁକୂଲ୍ୟରେ ବହିଘର ସଭାଗୃହରେ ସାହିତ୍ୟ ଓ ପୁସ୍ତକକୁ ନେଇ ଆରମ୍ଭ ହୋଇଥିବା 'ବିଦ୍ୟାଭାରତୀ ପୁସ୍ତକ ସପ୍ତାହ' ପାଳନ ଅବସରରେ 'ସାହିତ୍ୟ ସହ ବନ୍ଧୁତା' ଓ 'ପୁସ୍ତକ ସହ ବନ୍ଧୁତା' କାର୍ଯ୍ୟକ୍ରମ ଅନୁକ୍ରମରେ ଆଜି ୨୮ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ▶▶ପୃଷ୍ଠା ୭



## ଗୁରୁପ୍ରିୟା ସେତୁ ବିପଦମୁକ୍ତ: ପୋଟେରୁ ଜଳସେଚନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ

ମାଲକାନଗିରି, ୨୮/୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଠାରେ ଥିବା ବାଲିମେଳା ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୫୧୬ ଫୁଟ ରହିଥିବା ବେଳେ ଲଗାଣ ବର୍ଷା ଯୋଗୁଁ ବର୍ତମାନ ଜଳଭଣ୍ଡାରର ଜଳସ୍ତର ୧୫୧୪.୧୦ ଫୁଟ ରହିଥିବା ଜଣାପଡିଛି। ଜଳଭଣ୍ଡାର ଜଳସ୍ତର ବଢିବା ଫଳରେ ସ୍ୱାଭିମାନ ଅଂଚଳ ଜାନବାଇ ଠାରେ ଥିବା ଗୁରୁପ୍ରିୟା ସେତୁ ପ୍ରତି ବିପଦ ଦେଖା ଦେଇଥିବା କୁହାଯାଉଛି। ବର୍ତମାନ ଗୁରୁପ୍ରିୟା ସେତୁର ଗାର୍ଡରରୁ ମାତ୍ର ଦୁଇ ଫୁଟ ତଳେ ଜଳ ଲାଗି ରହିଛି। ଜିଲ୍ଲାରେ ଲଗାଣ ବର୍ଷା ଫଳରେ ବାଲିମେଳା ଜଳଭଣ୍ଡାରର ଜଳସ୍ତର ଯେଉଁଭଳି ଦିନକୁ ଦିନ ବଢି ଚାଲିଛି ଆଉ ମାତ୍ର ଦିନେ ଦୁଇ ଦିନ ମଧ୍ୟରେ ବ୍ରିଜର ଗାର୍ଡରକୁ ଛୁଇଁବ ପାଣି ବୋଲି ଆଶଙ୍କା କରୁଛନ୍ତି ଅଂଚଳବାସୀ। ସେପଟେ ଗୁରୁପ୍ରିୟା ସେତୁ ନିକଟ ଜାନବାଇ ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ମଧ୍ୟ ବିପଦ ଦେଖା ଦେଲାଣି। କାରଣ ଜଳଭଣ୍ଡାରର ଜଳସ୍ତର ବଢିବା ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରୀକୁ ପାଣି ଛୁଇଁଥିବା ବେଳେ ଆଉ ଫୁଟେ ଯଦି ଜଳସ୍ତର ବଢେ, ତେବେ ସ୍ୱାସ୍ଥ୍ୟକେନ୍ଦ୍ର ଓ ତାର ଆଖ ପାଖ ଅଂଚଳରେ ଥିବା ଘର ଭିତରେ ପାଣି ପଶିଯିବ ବୋଲି ଜାନବାଇ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗତ କିଛିଦିନ ତଳେ ବାଲିମେଳା ଜଳଭଣ୍ଡାରର ଜଳସ୍ତର ୧୫୧୨.୦୩ ଫୁଟ ଥିବାବେଳେ ଦୁଇଟି ଗେଟ ଖୋଲାଯାଇ ଜଳସ୍ତର ହ୍ରାସ କରାଯାଇ ୧୫୧୨ ମଧ୍ୟରେ ସୀମିତ ରଖାଯାଇଥିଲା। ପରବର୍ତୀ ସମୟରେ ଅଂଚଳରେ ବର୍ଷାର ପରିମାଣ କମିଯାଇ ଥିବାରୁ ଜଳଭଣ୍ଡାରର ଜଳସ୍ତର ଧୀରେ ଧୀରେ ବଢୁ ଥିବାରୁ ଜଳଭଣ୍ଡାର ସର୍ବୋଚ୍ଚ ଜଳଧାରଣା କ୍ଷମତା ୧୫୧୬ ପର୍ଯ୍ୟନ୍ତ ରଖାଯିବା ନିମନ୍ତେ ପ୍ରଶାସନିକ ସ୍ତରରେ ନିଷ୍ପତି ନିଆଯାଇଥିବା ଜଣାପଡିଛି। ଯଦି ଦିନେ ଦୁଇ ଦିନ ମଧ୍ୟରେ ଜଳସ୍ତର ୧୫୧୬ ଫୁଟ ପର୍ଯ୍ୟନ୍ତ ହୁଏ ତେବେ ଗେଟ ଖୋଲାଯିବା ନିମନ୍ତେ ନିଷ୍ପତି ନିଆଯାଇପାରେ ବୋଲି ସୂଚନା ହସ୍ତଗତ ହୋଇଛି। ଏନେଇ ବାଲିମେଳା ପୋଟେରୁ ଜଳସେଚନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପିତବାସ ସେଠୀଙ୍କୁ ପଚାରିବାରୁ ଅଂଚଳବାସୀ ଆତଙ୍କିତ ହେବାର ଆବଶ୍ୟକତା ନାହିଁ। ୨୦୧୮ ମସିହାରେ ୧୫୧୭ ଫୁଟ ଜଳସ୍ତରରେ ପାଣି ଛଡା ଯାଇଥିଲା। ଗତ କିଛି ଦିନ ପୂର୍ବରୁ ଡ୍ୟାମର ଦୁଇଟି ଗେଟ୍ ଖୋଲି ଜଳସ୍ତର କମାଇବା ସହ ବିଭିନ୍ନ ଦିଗରୁ ଯାଂଚ୍ କରି ସାରିଛୁ। ସବୁ ଗେଟ୍ ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ରହିଛି। ଏନେଇ ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗରେ ରହିଛନ୍ତି। ବାଲିମେଳା ଜଳଭଣ୍ଡାରର ସର୍ବାଧିକ ୧୫୧୬ ଫୁଟ ପର୍ଯ୍ୟନ୍ତ ଜଳ ଧାରଣ କରିବାର କ୍ଷମତା ରହିଛି।ଗୁରୁପ୍ରିୟା ସେତୁ ଗାର୍ଡର ପର୍ଯ୍ୟନ୍ତ ପାଣି ଲାଗିଲେ ମଧ୍ୟ ଚିନ୍ତା କରିବାର ନାହିଁ। ଜାନବାଇ ଅଂଚଳ ସମ୍ପୂର୍ଣ୍ଣ ବିପଦମୁକ୍ତ ରହିଛି ବୋଲି ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

## ତିନିଦିନିଆ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮/୯ (ନି.ପ୍ର): ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ସର୍ବଜନୀନ ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବାର ସମୟ ଆସିଛି । ବୈଷୟିକ ଜ୍ଞାନକୌଶଳ, ଦକ୍ଷତା ବିକାଶ ଉପରେ ଶିକ୍ଷାଦାନ ବ୍ୟତୀତ ମାନବିକ ମୂଲ୍ୟବୋଧ ଉପରେ ଶିକ୍ଷା ପ୍ରଦାନ କରାଗଲେ ସମାଜରେ ଶାନ୍ତି ଓ ସମୃଦ୍ଧି ବୃଦ୍ଧି ହେବା ସହ ପରିବାର, ସମାଜ ଓ କର୍ମକ୍ଷେତ୍ରରେ ଏକ ନୂତନ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଲ୍ଲେଖ କରିଛନ୍ତି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ତିନିଦିନିଆ ଶିକ୍ଷକ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଆଧୁନିକ ବୈଷୟିକ ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ଭବିଷ୍ୟତ ହିଁ ସେମାନଙ୍କ ଉପରେ ନିର୍ଭର କରେ । କାରଣ ରାଷ୍ଟ୍ରନିର୍ମାଣରେ ସହଯୋଗୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ବୌଦ୍ଧିକ ବିକାଶ କ୍ଷେତ୍ରରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନର ପାଠ୍ୟକ୍ରମରେ ସାର୍ବଜନୀନ ମାନବିକ ମୂଲ୍ୟବୋଧ ଭଳି ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରିବା ଅତ୍ୟନ୍ତ ଜରୁରୀ । ଏହି ଶିକ୍ଷା ମାଧ୍ୟମରେ ନୀତି, ସଂସ୍କୃତି ଓ ଧର୍ମୀୟ ଭାବନାର ବ୍ୟାପକତା ବୃଦ୍ଧି ହେବା ସହ ମାନବ ଆଚରଣକୁ ଏକ ଶୃଙ୍ଖଳିତ ମାର୍ଗଦର୍ଶନ ଦେବାରେ ସହାୟକ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ବିଷୟବସ୍ତୁ ପ୍ରସ୍ତୁତି ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ, ଏଆଇସିଟିଇ-ଏନ୍‌ସିସିଆଇପି ଆଞ୍ଚଳିକ ସଂଯୋଜକ ପ୍ରଫେସର ଦିଲ୍ଲୀପ ଦେବନାଥ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ ପ୍ରମୁଖ ଯୋଗଦେଇ ସାର୍ବଜନୀନ ମାନବିକ ମୂଲ୍ୟବୋଧ ଉପରେ ସେମାନଙ୍କ ମତ ରଖିଥିଲେ।

## ଦିଦାୟୀ ଜନଜାତିଙ୍କ ୭ ଦଫା ଦାବିପତ୍ରକୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ

ମାଲକାନଗିରି, ୨୮/୯ (ନି.ପ୍ର): ମାଲକାନଗିରି ଜିଲ୍ଲାର ସମସ୍ତ ଦିଦାୟୀ ଜନଜାତି ଆଜି କୁଡୁମୁଲୁଗୁମ୍ମା କଲ୍ୟାଣ ମଣ୍ଡପ ଠାରେ ସମ୍ମିଳିତ ହେବାସହ, ଦିଦାୟୀ ଜନଜାତିଙ୍କ ଉନ୍ନତି ଓ ବିଭିନ୍ନ ସମସ୍ୟା ସମ୍ବଳିତ ଏକ ୭ ଦଫା ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏହାର ତୁରନ୍ତ ସମାଧାନ ନିମନ୍ତେ ଦାବି ଉପସ୍ଥାପନା କରିଥିଲେ । ମାଲକାନଗିରି ଜିଲ୍ଲା ଦିଦାୟୀ ସମାଜର ମାଲକାନଗିରି ଜିଲ୍ଲା ସଭାପତି ବଂଶୀଧର ମୁଦୁଲିଙ୍କ ନେତୃତ୍ୱରେ ଉକ୍ତ ସ୍ଥାନରୁ ପାଖାପାଖି ଦେଢ଼ ହଜାରରୁ ଉର୍ଦ୍ଧ୍ୱ ଦିଦାୟୀ ଜନଜାତି ଏକ ବିଶାଳ ଶୋଭାଯାତ୍ରା ଜରିଆରେ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ ଓ ସ୍ଲୋଗାନମାନ ଦେଇ ଦିଦାୟୀ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲେ ଓ ଉକ୍ତ ଦାବୀପତ୍ରକୁ ଦିଦାୟୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ କିରାନୀ ନାୟକଙ୍କୁ ପ୍ରଦାନ କରିଥିଲେ । ଦିଦାୟୀ ଅଧିକାରୀ ମଧ ଏହାକୁ ସ୍ୱୀକାର କରିବା ସହ ସେ ଉକ୍ତ ପତ୍ରକୁ ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗ ଉଦ୍ଦେଶ୍ୟରେ ଆଜି ହିଁ ପ୍ରେରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଦାବି ଗୁଡ଼ିକ ମଧ୍ୟରେ - ଦିଦାୟୀ ଭାଷା ଭିତିକ ଶିକ୍ଷକ ନିଯୁକ୍ତି, ଦିଦାୟୀ ମାନଙ୍କ ଉଦ୍ଦେଶ୍ୟରେ ଆସୁଥିବା ସରକାରୀ ଅନୁଦାନକୁ କୌଣସି ବେସରକାରୀ ସଙ୍ଗଠନ ଦ୍ୱାରା ତ୍ୱରାନ୍ୱିତ ନ କରିବା, ଜଙ୍ଗଲ ଜମି ଓ ଗୋଷ୍ଠୀ ଜମି ପଟ୍ଟା ପ୍ରଦାନ, ଦିଦାୟୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ନିମନ୍ତେ ଶିକ୍ଷା ଅନୁଦାନ ଅର୍ଥ ପ୍ରଦାନ ନିମନ୍ତେ, ନୂଆଗୁଡା ଠାରେ ନିର୍ମିତ ଦିଦାୟୀ ବାଳକ ବିଦ୍ୟାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଦିଦାୟୀ ଗ୍ରାମ ତାଲିକାରୁ ବାଦ୍ ପଡ଼ିଯାଇଥିବା ଗ୍ରାମ ଗୁଡ଼ିକୁ ତୁରନ୍ତ ମୁଖ୍ୟ ତାଲିକାରେ ସାମିଲ କରିବା ଓ ଆଦିମ ଜନଜାତି ପୋଷଣ କାର୍ଯ୍ୟକ୍ରମକୁ ଚାଲୁ ରଖିବା ଭଳି ୭ ଦଫା ଦାବି ଗୁଡ଼ିକୁ ଉକ୍ତ ପତ୍ର ରେ ଉଲ୍ଲେଖ କରିଥିବା କଥା ଦିଦାୟୀ ଜନଜାତିଙ୍କ ଜିଲ୍ଲା ସଭାପତି ଶ୍ରୀ ମୁଦୁଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ଶୋଭାଯାତ୍ରାରେ ଶାନ୍ତି, ଶୃଙ୍ଖଳା ରକ୍ଷା ତଥା ଅପ୍ରିତିକର ପରିସ୍ଥିତିର ମୁକାବିଲା ସକାଶେ ଚିତ୍ରକୋଣ୍ଡା ଏସଡିପିଓ ଓ ବାଲିମେଳା ଆଇଆଇସିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ସମ୍ପୃକ୍ତ ସ୍ଥାନରେ ମୁତୟନ ହୋଇଥିଲେ ।

## ମାଛ ଯାଆଁଳ ଛାଡିବା ପରବର୍ତ୍ତୀ ପରିଚାଳନା ସମ୍ବନ୍ଧୀୟ ତାଲିମ୍ କାର୍ଯ୍ୟକ୍ରମ

ଜୟପୁର, ୨୮/୯ (ନି.ପ୍ର): ଜୟପୁର ସ୍ଥିତ ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଓଡିଶା ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ସହାୟତାରେ ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ କୋରାପୁଟ ଜିଲ୍ଲା ର ବୈପାରୀଗୁଡା ବ୍ଲକ ଓ ନବରଙ୍ଗପୁର ଜିଲ୍ଲାର କୋଷଗୁମୁଡା ବ୍ଲକରେ କାର୍ଯ୍ୟ କରିଆସୁଛି। ଏହି ପ୍ରକଳ୍ପ ମାଧ୍ୟମରେ ୨ ଗୋଟି ଜିଲ୍ଲାର ୧୬୧ ଜଣ ପୋଖରୀ ଚାଷୀଙ୍କୁ ମାଛ ଯାଆଁଳ ଦିଆଯାଇଅଛି। ମାଛ ଏବଂ ପୋଖରୀର ସୁପରିଚାଳନା ପାଇଁ ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଚାଷୀମାନଙ୍କୁ ମାଛ ଯାଆଁଳ ଛାଡିବା ପରବର୍ତୀ ପରିଚାଳନା ଉପରେ ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଉକ୍ତ ତାଲିମ କାର୍ଯ୍ୟକ୍ରମରେ ପୋଖରୀ ପାଣିର ମାନ ଠିକ ରଖିବା, ଜୀବାଣୁ ମୁକ୍ତ କରିବା, ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତି କରିବା, ଘରୋଇ ସନ୍ତୁଳିତ ମାଛ ଖାଦ୍ୟ ପ୍ରସ୍ତୁତି କରିବା, କୃତ୍ରିମ ଖାଦ୍ୟ ଠିକ ପରିମାଣ ଓ ଠିକ ସମୟରେ ଦେବା ଏବଂ ରୋଗପୋକ ପରିଚାଳନା ସହିତ ମାଛ ଚାଷ ସମ୍ବନ୍ଧୀୟ ଯୋଜନା ଉପରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଚାଷୀମାନେ ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ ସହାୟତାରେ ମାଛ ଚାଷ କରି କିପରି ଅଧିକ ଲାଭବାନ ହେବେ ତାହା ଉପରେ ଆଲୋକପାତ କରିଥିଲେ। ସିମାଞ୍ଚଳ ପାଢ଼ୀ, ସହକାରୀ ମତ୍ସ୍ୟ ଅଧିକାରୀ ଏବଂ ଶ୍ରୀମତୀ ତ୍ରିବେଣୀ ପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ, ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ, ଜୟପୁର ତାଲିମ ଦାତା ଭାବରେ ଯୋଗଦେଇଥିଲେ।

## ବିପିୟୁଟିର ୩ଦିନିଆ ଅଧ୍ୟାପକ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୨୮/୯ (ନି.ପ୍ର): ବିପିୟୁଟିର ୩ ଦିନିଆ ଅଧ୍ୟାପକ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି । ଏହାର ଉଦଘାଟନୀ ଉତ୍ସବରେ ଯୋଗ ଦେଇଛନ୍ତି ଶିଳ୍ପ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ବିପିୟୁଟି ଅନୁମୋଦିତ ଥିବା ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ମାନଙ୍କୁ ନେଇ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି । ଆଗାମୀ ଦିନରେ ବିପିୟୁଟିର ଶିକ୍ଷା ପଦ୍ଧତି, ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଓ ବୈଷୟକ ଶିକ୍ଷାର ଉନ୍ନତି ସହ ନୂଆ ଶିକ୍ଷାନୀତି ଓ ଉଦ୍ୟୋଗୀ ସୃଷ୍ଟି ହେବା ଦିଗରେ କିଭଳି ବିପିୟୁଟିର ବଡ଼ ଭୂମିକା ରହିବ ଏ ନେଇ ଆଲୋଚନା ହୋଇଛି।

## ଶାନ୍ତିକାନନରେ କବି ଶୁଭେନ୍ଦୁ ମୋହନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର, ୨୮/୯ (ନି.ପ୍ର): କବିତୀର୍ଥ ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଦିବଂଗତ ପ୍ରଖ୍ୟାତ ସାରସ୍ୱତ ସାଧକ ଶୁଭେନ୍ଦୁ ମୋହନ ଦାସଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ସଦସ୍ୟମାନେ ଦିବଂଗତ ଶୁଭେନ୍ଦୁ ମୋହନ ଦାସ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ହରିହର ମିଶ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଂପାଦକ ଦୀପକ ବୋଷ ପ୍ରାକ୍ତ ବକ୍ତବ୍ୟ ରଖିଥିବାବେଳେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆବାହନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଡ. ହରିଶ୍ଚନ୍ଦ୍ର ବେହେରା, ଦୀପକ ଦାସ, ପ୍ରଣବ ଦାସ, ଅରୁଣା ରାୟ, ପ୍ରଭାକର ସାହୁ, ଡ. ସୁବାସ ଚନ୍ଦ୍ର ପାତ୍ର, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ସନ୍ତୋଷ ନାୟକ, ସୁପ୍ରିୟା ଦାସ, ଦୀନବନ୍ଧୁ ଲେଙ୍କା, ତପନ ରାୟ, ଯଶୋଧାରା ଦାସ, ଅର୍ଚ୍ଚନା ନନ୍ଦୀ, ଡ. ରତ୍ନାକର ସିଂହ, ବିନୀତା ସାହୁ, ସ୍ମୃତି ଦାସ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ। ଶେଷରେ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ନବରାତ୍ର ପାଇଁ ବାରବାଟୀ ଦୁର୍ଗା ମନ୍ଦିର ଉତ୍ସବ ମୁଖର

ଧର୍ମଶାଳା, ୨୮/୯ (ନି.ପ୍ର): ସାରା ରାଜ୍ୟରେ ନବରାତ୍ର ପାଇଁ ଶକ୍ତି ପୀଠ ଚଳଚଂଚଳ ହୋଇଉଠିଛି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ବାରବାଟୀ ଦୁର୍ଗା ମନ୍ଦିର ପରିସରେ ଦେଖିବାକୁ ମିଳିଛି ଆଧାତ୍ମିକ ପରିବେଶ । ଏହି ମାଆଙ୍କ ପୀଠରେ, ମୂଳାଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ମା'ଙ୍କ ନବରାତ୍ର ଓ ଷୋଡଶ ଉପଚାର ପୂଜା ନୀତିକାନ୍ତି ଅନୁସାରେ ଚାଲୁ ରହିଛି । ଏହି ପୂଜାରେ ପ୍ରତ୍ୟେହ ବିଦ୍ୱାନ ପଣ୍ଡିତଙ୍କ ଦ୍ୱାରା ପ୍ରଭାତରେ ମା'ଙ୍କୁ ସ୍ନାନ, ବେଶ, ମଣ୍ଡନ, ବାଲ୍ୟ ଭୋଗ,୧୦୮ ବେଲ ପତ୍ରରେ ମା'ଙ୍କୁ ଉତ୍ସର୍ଗ କରାଯାଇଛି ।

## ବିଧାୟକଙ୍କ ଦ୍ୱାରା ନୂତନ ଭୋଜନ ଓ ପାଠାଗାର ଉଦ୍‌ଘାଟିତ

ଭୁବନ, ୨୮/୯ (ନି.ପ୍ର): ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଭୁବନ ବ୍ଲକ ଅନ୍ତର୍ଗତ ଡମଶାଳ ଉଚ୍ଚ ବିଦ୍ୟାଳୟ ରେ ନୂତନ ଭୋଜନ ଓ ପାଠାଗାର କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଡମଶାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀଯୁକ୍ତ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଭୋଜନ ଓ ପାଠାଗାର କୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ପଂଚାୟତ ପ୍ରତିନିଧି ଯମୁନା ଟୁଡୁ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀଯୁକ୍ତ ଜେନା ଙ୍କୁ ଛାତ୍ରଛାତ୍ରୀ ମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।

## ମୟୂରଭଞ୍ଜ ଲେଖକ ସାମ୍ମୁଖ୍ୟ ତରଫରୁ ଶ୍ରଦ୍ଧାଞ୍ଜଳି ସଭା



ବାରିପଦା, ୨୮/୯ (ନି.ପ୍ର): ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ଲେଖକ ସାମ୍ମୁଖ୍ୟ ତରଫରୁ ସାମ୍ମୁଖ୍ୟର ସଦସ୍ୟ ତଥା ଜଣେ ଆଧ୍ୟାତ୍ମିକ ପୁରୁଷ ସ୍ୱର୍ଗତ ବିଜୟ କୁମାର ମହାନ୍ତଙ୍କ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ସ୍ମୃତିଚାରଣ ସଭା ଲେଖକ ଭାଗବତ ପଣ୍ଡାଙ୍କ ସଭାପତିତ୍ୱରେ ସ୍ଥାନୀୟ ରୋଟାରୀ କ୍ଲବ ଅଫ୍ ହେରିଟେଜ, ବାରିପଦା ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱର୍ଗତଃ ମହାନ୍ତିଙ୍କ ପାଇଁ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ବିଶିଷ୍ଟ କବି, ନାଟ୍ୟକାର, ଗାଳ୍ପିକ ଓ ଔପନ୍ୟାସିକ ହରିହର ମିଶ୍ରଙ୍କ ଅମର ଆତ୍ମାର ସଦ୍ ?ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ମୁଖ୍ୟ ଅତିଥି ଡା. ପାର୍ଥ ସାରଥୀ ଜେନା ତାଙ୍କ ଅଭିଭାଷଣରେ ସ୍ୱର୍ଗତଃ ମହାନ୍ତିଙ୍କର ଗୁଣାବଳୀ ସମ୍ପର୍କରେ ସ୍ମୃତିଚାରଣ କରି ତାଙ୍କ ପ୍ରଚେଷ୍ଟାରେ ଭଂଜପୁର ଜଗଦ୍ଧାତ୍ରୀ ପଡିଆଠାରେ ଶ୍ରୀରାଧାମାଧବ ମନ୍ଦିର ପ୍ରତିଷ୍ଠା ଓ ଦୋଳମେଳଣ ସହିତ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ କାର୍ଯ୍ୟ ସହିତ ଜଡିତ ଥାଇ ତାଙ୍କ ଜୀବନ ଅତିବାହିତ କରିଥିଲେ ବୋଲି ଉଲ୍ଲେଖ କରିଥିଲେ । ସଭାପତି ଶ୍ରୀ ପଣ୍ଡାଭାଗବତ ଚେତନା ପରିଷଦ ପ୍ରତିଷ୍ଠା କରି ବିଜୟବାବୁ କିପରି ଶ୍ରୀମଦ୍ ଭାଗବତର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରୁଥିଲେ ତାହା ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ନାୟକ, ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ । ପରିଶେଷରେ ସାମ୍ମୁଖ୍ୟର ଉପ-ସଭାପତି ସୁଧାମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟିକାର ଜିଲ୍ଲାସ୍ତରୀୟ ଶୁଭାରମ୍ଭ



ବାଲେଶ୍ୱର, ୨୮/୯ (ନି.ପ୍ର): ଜିଲ୍ଲା ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବାଲେଶ୍ୱର ସହଯୋଗରେ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାର ଜିଲ୍ଲା ସ୍ତରୀୟ ଶୁଭାରମ୍ଭ କରାଯାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲପାଳ (ରାଜସ୍ୱ) ନିରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁଲାଲ ସେନ ଜଗତଦେଓ, ପୂର୍ବତନ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ଏବଂ ଟୀକାକରଣ) ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ମନୋଜ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ସଞ୍ଜୀବ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ବାହକ ବାହିତ ରୋଗ) ଡାକ୍ତର ରଞ୍ଜନ କୁମାର ନାୟକ, ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଲମ୍ବୋଦର ବଳ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱରଂଜନ ନାୟକ, ସହକାରୀ କାର୍ଯ୍ୟକ୍ରମ ପରିଚାଳକ (ସହରାଞ୍ଚଳ ସ୍ୱାସ୍ଥ୍ୟ) ଶାଶ୍ୱତୀ ମହାପାତ୍ର, ସହକାରୀ ପରିଚାଳକ (ତାଲିମ, ସୂଚନା ଶିକ୍ଷା ଯୋଗାଯୋଗ ଏବଂ ଆଚରଣ ପରିବର୍ତ୍ତନ ଯୋଗାଯୋଗ) ଅନିତା କୁଣ୍ଡୁ, ଜନସ୍ୱାସ୍ଥ୍ୟ ପରିଚାଳକ ଭବାନୀ ଶଙ୍କର ମହାନ୍ତ ଏବଂ ଜିଲ୍ଲା ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଏବଂ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ରୋଗୀକଲ୍ୟାଣ ସମିତିରୁ ଗୌରାଙ୍ଗ ପାଣିଗ୍ରାହୀ ଓ ସରସ୍ୱତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଏହି ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାପ୍ତବୟସ୍କ (ଉପଯୁକ୍ତ ହିତାଧିକାରୀ)ଙ୍କୁ ଟୀକାକାରଣ କରାଯିବ ସହିତ ଟୀକାର ଉପାଦେୟତା ବିଷୟରେ ସମସ୍ତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଦୁଲାଳସେନ ଜଗତଦେଓ ସୂଚନା ଦେଇ କହିଲେ ୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମା ମୁକ୍ତ କରିବା ନିମନ୍ତେ ଭାରତ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ପୂର୍ବରୁ କେବଳ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ବିସିଜି ଟୀକା ଦିଆ ଯାଉଥିବାବେଳେ ଏବେଠାରୁ ବୟସ୍କ ଲୋକମାନଙ୍କୁ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ଏହି ଟୀକା ଦିଆଯିବ। ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି, ୧୮ ବର୍ଷରୁ ୬୦ ବର୍ଷ ମଧ୍ୟରେ ଥିବା ବ୍ୟକ୍ତି ଯିଏକି ଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ଭାବେ ଚିହ୍ନଟ ହୋଇଥିବେ ଓ ଚିକିତ୍ସିତ ହୋଇଥିବେ, ବିଗତ ୩ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ସଂସ୍ପର୍ଶରେ ଆସିଥିବେ, ମଧୁମେହ ରୋଗୀ ହୋଇଥିବେ, ଧୂମ୍ରପାନ କରୁଥିବେ କିମ୍ବା କୁପୋଷଣର ଶିକାର ହୋଇଥିବେ ସେମାନଙ୍କୁ ୨୭ ତାରିଖରୁ ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ଟୀକା ଦିଆଯିବ। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲାର ଟୀକାକରଣର ମୁଖ୍ୟ ତଥା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପରେଶ ଚନ୍ଦ୍ର ନନ୍ଦୀ ଉଦବୋଧନ ଦେଇ କହିଲେ ବିଶ୍ୱରେ ସଂକ୍ରାମକ ରୋଗ ମଧ୍ୟରେ ଯକ୍ଷ୍ମା ରୋଗରେ ସବୁଠାରୁ ଅଧିକ ମୃତ୍ୟୁ ହେଉଛି। ତେଣୁ ଏଥି ଜନିତ ଅକାଳ ମୃତ୍ୟୁ ରୋକିବା ପାଇଁ ଏହି ଟୀକା ଏକ ପ୍ରଭାବଶାଳୀ ଉପାୟ। ସମସ୍ତ ଚିହ୍ନଟ ବ୍ୟକ୍ତିମାନଙ୍କୁ ଏହି ଟୀକା ଦିଆଯିବ। ମୋଟ ୪ ଲକ୍ଷ ୩୪ ହଜାର ଲୋକଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ନର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ: ରୋଗୀ ସେବା ବାଧାପ୍ରାପ୍ତ

ମାଲକାନଗିରି, ୨୮/୯ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଥିବା ସମସ୍ତ ସରକାରୀ ଡାକ୍ତରଖାନାରେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି ନର୍ସ । ନିଜ ଜିଦରେ ଅଟଳ ନର୍ସିଂ ସଂଘ। କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ବିଭିନ୍ନ ଡାକ୍ତରଖାନାରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି । ଆଜିଠୁ ସିରିଞ୍ଜ ଛାଡ ଆନ୍ଦୋଳନକୁ ଓହ୍ଲାଇଛନ୍ତି ନର୍ସିଂ ଅଫିସର । ସରକାର ଓ ନର୍ସିଂ ଅଫିସରଙ୍କ ଜିଦ୍ ପାଇଁ ଏବେ ବାଜିରେ ଲାଗିଛି ରୋଗୀଙ୍କ ଜୀବନ । ଏସମା ଆଇନକୁ ଖାତିର ନକରି ନର୍ସିଂ ଅଫିସର ପୂରା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଚଳ କରିବାକୁ ବସିଥିବା ବେଳେ ସରକାରଙ୍କ ସହ ପ୍ରଥମ ଆଲୋଚନା ବିଫଳ ହୋଇଛି । ୧୦ ଦଫା ଦାବି ନେଇ ଦୀର୍ଘଦିନ ହେବ ଆନ୍ଦୋଳନ କରୁଛନ୍ତି ନର୍ସିଂ ଅଫିସର । ନର୍ସିଂ ଅଫିସର କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଥିବା ବେଳେ ମାଲକାନଗିରିରେ ସ୍ୱାସ୍ଥ୍ୟ ବିଭାଗ ବିକଳ୍ପ ବ୍ୟବସ୍ଥା କରିଛି । ୨ଟି ଘରୋଇ କଲେଜରୁ ୭୦ ଜିଏନଏମ ଛାତ୍ରୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ କରାଯାଇଛି ନିୟୋଜିତ । ସରକାରୀ ଏଏନଏମ କଲେଜରୁ ୮୫ ଛାତ୍ରୀ ନିୟୋଜିତ ହୋଇଛନ୍ତି । ଗ୍ରାମାଂଚଳ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟ କର୍ମୀଙ୍କୁ ସ୍ଥାନାନ୍ତରିତ କରାଯାଇଛି । ୨୦ ପୁରୁଷ ଓ ୫ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୁତୟନ ହୋଇଛନ୍ତି । ଏଡିଏମଓ କହିଛନ୍ତି, ସ୍ୱାସ୍ଥ୍ୟ ସେବାରେ କୌଣସି ବ୍ୟାଘାତ ଘଟିବ ନାହିଁ ।

## ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ଆଲର୍ଟ: ଆକ୍ସନ ମୁଡ୍‌ରେ ପୁଲିସ

ମୁମ୍ବାଇ, ୨୯/୯ (ନି.ପ୍ର): ମୁମ୍ବାଇରେ ହୋଇପାରେ ପୁଣିଥରେ ଆତଙ୍କବାଦୀ ଆକ୍ରମଣ। ଏନେଇ ଗୁଇନ୍ଦା ବିଭାଗ ପକ୍ଷରୁ ଆଲର୍ଟ ଜାରି କରାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ଆକ୍ସନମୁଡ୍ ?କୁ ଆସିଛି ପୁଲିସ। ମୁମ୍ବାଇରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିଭିନ୍ନ ସ୍ଥାନରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏବଂ ପ୍ରତ୍ୟେକ କୋଣ ଅନୁକୋଣରେ କଡ଼ା ପହରା ଦିଆଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ସୁରକ୍ଷା ଏଜେନ୍ସିର ସତର୍କ ସୂଚନା ପରେ ମୁମ୍ବାଇର ଅନେକ ଧାର୍ମିକ ସ୍ଥାନ ତଥା ଅନ୍ୟାନ୍ୟ ଜନଗହଳି ପୂର୍ଣ୍ଣ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜନଗହଳି ପୂର୍ଣ୍ଣ ସ୍ଥାନ ତଥା ଧାର୍ମିକ ସ୍ଥାନରେ "ମକ୍ ଡ୍ରିଲ୍" କରିବାକୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

**ଭାଗ-୬୯**
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ବୃଥାରେ ତୁମେ ନିଜକୁ ଦୋଷୀ ମନେକରୁଛ । ତୁମେ ସ୍ଥିର ହୋଇ ଧୈର୍ଯ୍ୟ ଧରି କାଳର ଗତିକୁ ଲକ୍ଷ୍ୟ କର । ମୋର ଯାହା ମନେହେଉଛି ଏ ଯୁଦ୍ଧ ଏତେ ଶୀଘ୍ର ସରିବ ନାହିଁ। ତୁମେ ଯାହା ଦେଖିବାର କଥା ଏଇଠାରେ ବସି ଦେଖ । ପ୍ରତ୍ୟହ ଯୁଦ୍ଧର ଖବର ମୁଁ ତୁମକୁ ସୂର୍ଯ୍ୟାସ୍ତ ପରେ ଜଣାଇବି ।

ମା’ ତ୍ରିଜଟାର କଥାମାନି ମୁଁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଯୁଦ୍ଧର ବିଭୀଷିକାକୁ ଦର୍ଶନ କରେ । ସୂର୍ଯ୍ୟାସ୍ତ ପରେ ତ୍ରିଜଟା ଆସି ଖବର ଦିଅନ୍ତି ଯୁଦ୍ଧରେ ଯାହା ଯାହା ଘଟେ । ସନ୍ଧ୍ୟା ହେଲେ ଶଂଖବାଜି ଯୁଦ୍ଧ ବନ୍ଦ ହୁଏ । ସ୍ୱାମୀ ମୋର ବିରସ ମନରେ ଲକ୍ଷ୍ମଣ, ହନୁମାନ ଆଦିକୁ ଡାକି ବିଚାର ବିମର୍ଷ କରନ୍ତି, ତହିଁ ପରଦିନ ଯୁଦ୍ଧରେ କି ଉପାୟ ଅବଲମ୍ବନ କରିବେ । ଯୁଦ୍ଧରେ ଆହତ ସୈନ୍ୟମାନଙ୍କୁ ବାନରସେନା ମାନେ ଶିବିରକୁ ବହି ଆଣନ୍ତି । ନିଜେ ପ୍ରଭୁ ମୋର ଲକ୍ଷ୍ମଣ, ବିଭୀଷଣ ଆଦିଙ୍କ ସହିତ ଆହତ ସୈନ୍ୟମାନଙ୍କର ସେବା ଶୁଶ୍ରୁଷା କରନ୍ତି । ସନ୍ଧ୍ୟା ପରର ଦୃଶ୍ୟ ମୁଁ ନଖଦର୍ପଣରେ ଦେଖି ପାରିନଥାଏ । ମାଆ ତ୍ରିଜଟା ଯାଇ ଲୁଚିଛପି ଯାହା ଦେଖି ଆସନ୍ତି, ମୋତେ ଶୁଣାଇ କୁହନ୍ତି । ମୋ ପ୍ରଭୁଙ୍କ ଦୁଃଖ କଥା ଶୁଣି ମୁଁ ଧୈର୍ଯ୍ୟ ଧରିପାରେନା ସୁଧାମୟୀ । ଦିନଯାକ ଯୁଦ୍ଧକରି, ରାତ୍ରିରେ ଆହତ ସୈନ୍ୟମାନଙ୍କର ସେବା କରି ସ୍ୱାମୀ, ଦେବର ମୋର ଅତ୍ୟନ୍ତ କ୍ଳାନ୍ତ ହୋଇ ପଡ଼ନ୍ତି । ତାଙ୍କ ସେବା କରିବାକୁ ପାଖରେ କେହି ନଥା’ନ୍ତି । ଆହା ବୋଲି କହି ପଦେ ଆଶ୍ୱାସନା ବାଣୀ ଶୁଣାଇବାକୁ ପାଖରେ ଅଛି କିଏ ? କ୍ଳାନ୍ତ ଲକ୍ଷ୍ମଣ ଆସି ତାଙ୍କ ପାଖରେ ବସି ପାଦ ସେବା କରନ୍ତି । ପ୍ରଭୁ ମୋର ଯେତେ ମନାକଲେ ମଧ ସେ କିଛି ଶୁଣନ୍ତି ନାହିଁ । ସେ ଖବର ଶୁଣି ମୋ ଛାତି କରତି ହୋଇଯାଏ ସୁଧାମୟୀ । ସ୍ୱାମୀଙ୍କର ଏ ବିପଦ ସମୟରେ ମୁଁ ସ୍ତ୍ରୀ ହୋଇ ତାଙ୍କ ପାଖରେ ରହିପାରିଲି ନାହିଁ । ପ୍ରଭୁଙ୍କର ପାଦସେବା କରିପାରିଲି ନାହିଁ । ମୋ ଠାରୁ ପାପିନୀ ଏ ସଂସାରରେ ଆଉ କିଏ ଅଛି ? ରାତି ଉଜାଗରରେ ରହି, ସ୍ୱାମୀଙ୍କ ଶୁଭ ମନାସୀ, ସେହି ଅଶୋକବୃକ୍ଷ ମୂଳରେ ମୁଁ ପଡ଼ିରହେ । ମୋର ଇଚ୍ଛାହୁଏ, ରାବଣର ସମସ୍ତ ବାଧା ବନ୍ଧନକୁ ଛିନ୍ନ କରି, ସମସ୍ତ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇ, ସେହି ରାତ୍ରିରେ ଧାଇଁ ଯାଆନ୍ତି ମୋ ପ୍ରଭୁଙ୍କ ପାଖକୁ । ହେଲେ ତାହା କ’ଣ ସମ୍ଭବ ସୁଧାମୟୀ । ରାବଣର ସେବିକା ଅସୁରୁଣୀ ମାନେ ଯେ ମୋତେ ଘରି ପାରୁଶରୁ ବେଢ଼ି ରହିଛନ୍ତି । ଏମିତି ଲୁହ ଗଡ଼ାଇ ଗଡ଼ାଇ ରାତି ପାହେ । ପୁଣି ଯୁଦ୍ଧ ଲାଗେ । ଏମିତି ଏମିତିରେ କିଛିଦିନ ବିତିଯିବା ପରେ ଦିନେ ତ୍ରିଜଟା ଆସି ମୋତେ ଯେଉଁ ସମ୍ବାଦ ଦେଲେ, ସେ ସମ୍ବାଦ ଶୁଣି ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ସହସା ମୋ ପିଣ୍ଡରୁ ଯେମିତି ପ୍ରାଣ ବାହାରିଗଲା । ସଂଜ୍ଞାହୀନ ହୋଇ ଭୂମିରେ ଲୋଟିପଡ଼ିଥିଲି ମୁଁ । ମା’ ତ୍ରିଜଟା ତଥା ଅନ୍ୟମାନେ ଜଳ ସିଞ୍ଚନ କରି, ବ୍ୟଜନ କରି ମୋର ସଂଜ୍ଞା ଫେରାଇ ଆଣନ୍ତେ, ହା ଲକ୍ଷ୍ମଣ ହା ଲକ୍ଷ୍ମଣ କହି ମୁଁ ରୋଦନ କରିବାକୁ ଲାଗିଲି । ଲକ୍ଷ୍ମଣଙ୍କୁ ଶକ୍ତିଭେଦ ହୋଇଛି । ଏ ଭଳି ଏକ ମର୍ମଭେଦୀ ମାରଣାସ୍ତ୍ର ଲକ୍ଷ୍ମଣଙ୍କ ଉପରକୁ ପ୍ରୟୋଗ ହୋଇଛି ଯେ, ଯେଉଁଥିରୁ ଲକ୍ଷ୍ମଣ ବଞ୍ଚିବା ସମ୍ଭବ ନୁହେଁ । ଏ ଖବର ତ୍ରିଜଟା ଠାରୁ ପାଇ ମୁଁ ଧୈର୍ଯ୍ୟ ଧରି ପାରି ନଥିଲି ସୁଧାମୟୀ । ବିଧାତାଙ୍କୁ ନିନ୍ଦାକରି ଅନବରତ ଅଶ୍ରୁ ଢାଳନ୍ତେ, ମାତା ତ୍ରିଜଟା କହିଥିଲେ ଦେବୀ ସୀତା, “କାହିଁକି ତୁମେ ସେ ନୟନରୁ ଅଶ୍ରୁ ଝରାଉଛ । ତେଣେ ସ୍ୱାମୀ ତୁମର ଭାଇ ଚିନ୍ତାର ନୟନରୁ ଲୁହ ଢାଳୁଛନ୍ତି । ଏ ବେଳରେ ତୁମେ ଯଦି ଅନବରତ କ୍ରନ୍ଦନ କରିବ, ତାହେଲେ ସ୍ୱାମୀ ତୁମର ସେଠାରେ କ’ଣ ଧୈର୍ଯ୍ୟ ଧରି ରହିପାରିବେ ? ଏ ବେଳରେ ତୁମେ ବିଶ୍ୱ ନିୟନ୍ତାଙ୍କୁ ପ୍ରାର୍ଥନା କର। ତୁମ ଦେବରର ଜୀବନ ଭିକ୍ଷା କର । ସେ ସଦୟ ହେଲେ ଦେବର ତୁମର ଉଠି ବସିବେ।”

ତାଙ୍କ କଥା ମାନି ନୟନରୁ ଅଶ୍ରୁ ପୋଛି ପକାଇ ପରମେଶ୍ୱରଙ୍କୁ ମୁଁ ପ୍ରାର୍ଥନା କରି କହିଥିଲି, “ହେ ଅନାଦି ନିରଞ୍ଜନ, ହେ ଅଗତିର ଗତି, ହେ ବିଶ୍ୱ ନିୟନ୍ତା ଆପଣ ତ୍ରିଗୁଣ ରଜ୍ଜୁ ଧରି ଏ ସଂସାରର ପ୍ରାଣୀମାନଙ୍କୁ ନଚଉଛନ୍ତି । ଜନ୍ମମରଣ ସବୁ ଆପଣଙ୍କ ହାତରେ । ଆପଣ ହର୍ତ୍ତା, କର୍ତ୍ତା, ଭାଗ୍ୟ ବିଧାତା ସବୁକିଛି । ଏତେ ଦଣ୍ଡ ଆପଣ ଆମକୁ ଦେଲେ ପ୍ରଭୁ । ଆମେ ମୁଣ୍ଡ ପାତି ସବୁ ସହି ଯାଇଛୁ । ତିଳେହେଲେ ବି ପ୍ରତିବାଦ କରିନାହୁଁ । ରାଜ୍ୟ ତ୍ୟାଗ କରି ବନବାସର ଦୁଃଖକୁ ହସିହସି ସହି ଯାଇଛୁ । ମୋ ସ୍ୱାମୀ ମଧ ମୁଣ୍ଡପାତି ସବୁ ସହିଛନ୍ତି । ହେଲେ ଆଜି ଆପଣ ଯେଉଁ ଦଣ୍ଡ ଆମକୁ ଦେଇଛନ୍ତି ପ୍ରଭୁ, ସେ ଦଣ୍ଡ ଏକାନ୍ତ ଅସହ୍ୟ । ସେଥିରୁ ଆପଣ ହିଁ ଆମକୁ ଉଦ୍ଧାର କରିପାରିବେ । ମୋ ଦେବରର ଯଦି କିଛି ହୋଇଯାଏ ତାହେଲେ ମୁଁ ଆପଣଙ୍କ ନାମରେ ଶପଥ କରି କହୁଛି ଆସନ୍ତାକାଲିର ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମୁଁ ଆପଣଙ୍କ ନାମ ନେଇ ସମୁଦ୍ରରେ ଭାସୁଥିବି । ସ୍ୱାମୀ ମୋର ମଧ ଭ୍ରାତୃ ବିୟୋଗକୁ ସହ୍ୟ କରି ନପାରି ମୋରି ପଥକୁ ଆବୋରି ନେଇଥିବେ ।”

ସାରା ରାତି ସେଦିନ ଅଶୋକବେଦୀ ମୂଳରେ ବସି, ବେଦୀ ମୂଳର ମାଟିକୁ ମୁଁ ଭିଜାଇ ଦେଇଥିଲି ଅଶ୍ରୁ ଲୁହରେ । କେତେବେଳେ ରାତି ପାହିବ । ତ୍ରିଜଟା ଆସି ମୋତେ ଖବର ଦେବ । ହେଲେ ସେଦିନର ରାତି ବଢ଼ିବଢ଼ି ଯାଉଥାଏ ସୁଧାମୟୀ, ପ୍ରଭାତ ହେଉ ନଥାଏ । ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଥାଏ ସୁଧାମୟୀ । କ’ଣ ହୋଇଛି ଆଜି ଏ ରାତ୍ରିର । ଆଜିର ରାତି କ’ଣ ସତରେ ରଘୁବଂଶ ପାଇଁ କାଳରାତି ପାଲଟି ଯାଇଛି । ମୋତେ ମନେ ହେଉଥାଏ ଯେମିତି ସାତରାତି ମିଶି ଗୋଟାଏ ରାତି ହୋଇଯାଇଛି । ଅନେକ ସମୟ ପରେ ସବୁ ଭାବନାର ପୂର୍ଣ୍ଣଚ୍ଛେଦ ଟାଣି ପୂର୍ବଦିଗରେ ସିନ୍ଦୂରା ଫାଟିଥିଲା । ଧଇଁସଇଁ ହୋଇ ମୋ ପାଖକୁ ଧାଇଁଆସି ତ୍ରିଜଟା ଖବର ଦେଇଥିଲେ ତୁମ ପ୍ରାର୍ଥନା ଈଶ୍ୱର ଶୁଣିଲେ ମାତା ସୀତେ । ତୁମ ଦେବର ଲକ୍ଷ୍ମଣ ପୁନର୍ଜନ୍ମ ପାଇ ବଞ୍ଚି ଉଠିଛନ୍ତି ।

ଭୋ ଭୋ ହୋଇ ତାଙ୍କୁ କୁଣ୍ଢାଇ ପକାଇ ମୁଁ କହିଥିଲି, ସତରେ କ’ଣ ମୋ ଲକ୍ଷ୍ମଣ ଶକ୍ତିଭେଦରୁ ବଞ୍ଚି ଉଠିଛନ୍ତି ମାତା ।

ହଁ ମାତା ସୀତେ । ମୁଁ ସ୍ୱଚକ୍ଷୁରେ ଦେଖି ଆସିଛି ସେ ଦୃଶ୍ୟକୁ । କାଲିରାତିରେ ଯାହା ଘଟିଯାଇଛି ସେ କଥା ଶୁଣିଲେ ତୁମେ ଆଶ୍ଚର୍ଯ୍ୟ ହେବ । ଧନ୍ୟ ନକହିବ ତୁମର ସେ ପ୍ରଭୁ ଭକ୍ତ ହନୁମାନକୁ । ସେ ହିଁ ତୁମ ଦିଅରକୁ ବଞ୍ଚାଇ ଦେଲେ । ସେଦିନ ରାତିର କଥାକୁ ବର୍ଣ୍ଣି ଘଲିଥିଲେ ମାତା ତ୍ରିଜଟା । ଲକ୍ଷ୍ମଣଙ୍କୁ ଶକ୍ତିଭେଦ ହୁଅନ୍ତେ ମୋ ସ୍ୱାମୀ ଅତ୍ୟନ୍ତ ଅଥୟ ହୋଇ ପଡ଼ିଥିଲେ । ସେ ଯେତେ ଚେଷ୍ଟାକଲେ ମଧ ଲକ୍ଷ୍ମଣ ଆଖି ଖୋଲି ନଥିଲେ । ଶେଷରେ ସ୍ୱାମୀ ମୋର କାନ୍ଦିକାନ୍ଦି ଚିତ୍କାର କରି କହିଥିଲେ, କେହି ଯଦି କିଛି ଜାଣିଛ ମୋ ଲକ୍ଷ୍ମଣ ବଞ୍ଚିବାର ବାଟ କହିଦିଅ । ତା’ ନହେଲେ କାଲିର ସୂର୍ଯ୍ୟଉଦୟ ମୁଁ ଦେଖିବି ନାହିଁ । ଲକ୍ଷ୍ମଣଙ୍କୁ ସଂଗରେ ଧରି ମୁଁ ସମୁଦ୍ରକୁ ଡେଇଁ ପଡ଼ିବି । ଏକଥା ଶୁଣି ବିଭୀଷଣ କହିଥିଲେ, ପ୍ରଭୁ ଆପଣ ଧୈର୍ଯ୍ୟ ଧରନ୍ତୁ। ଲକ୍ଷ୍ମଣ ବଞ୍ଚି ଉଠିବାର ଏକମାତ୍ର ଉପାୟ ଅଛି । ତାହା ଯଦି ଆମ ଦ୍ୱାରା ସମ୍ଭବ ହୋଇପାରେ ତାହେଲେ ଲକ୍ଷ୍ମଣ ବଞ୍ଚିଯିବେ ।

ତାଙ୍କ କଥା ଶୁଣି ସ୍ୱାମୀ ମୋର କହିଥିଲେ, କି ଉପାୟ ଅଛି କୁହ ବିଭୀଷଣ । ତାହା ଯେତେ କଷ୍ଟ ସାଧ ହେଲେ ବି ମୁଁ କରିବା ପାଇଁ ପ୍ରସ୍ତୁତ ଅଛି।

(କ୍ରମଶଃ)


♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ହାର୍ଟ ଆଟାକ ପୂର୍ବ ସଙ୍କେତ ଓ ଉପଚାର

### ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର



ବର୍ଷାଦିନ ସତ୍ତ୍ୱେ ଅନେକ ଏହି ସମୟରେ ହୃଦରୋଗ ସମସ୍ୟାକୁ ସାମ୍ନା କରିଥାନ୍ତି। ସେମିତି କହିବାକୁଗଲେ ହୃଦରୋଗ କୌଣସି ଋତୁ, ସମୟ ବା ପରିସ୍ଥିତିକୁ ଅପେକ୍ଷା କରିନଥାଏ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଆପଣଙ୍କ ହୃଦୟକୁ ଆପଣ ନିଶ୍ଚିନ୍ତ ଭଲ ପାଉଥିବେ ଆଉ ଯତ୍ନ ନେଉଥିବେ ବୋଲି ମୁଁ ଜାଣିଛି। ତେବେ ଆମ୍ଭ ମାନଙ୍କ ଭିତରେ ଦିନକୁ ଦିନ ସଚେତନତା ବଢୁଥିଲେ ମଧ୍ୟ ଅନିୟମିତ ଦିନଚର୍ଯ୍ୟା ଓ ଭୁଲ ଖାଦ୍ୟପେୟ ହିଁ ହୃଦରୋଗ ଆଶଙ୍କାକୁ ବଢ଼ାଇ ଦେଇଛି। ପୂର୍ବରୁ ୫୦ ବର୍ଷ ଟପିଲେ ଲୋକଙ୍କୁ ହୃଦ ସମସ୍ୟା ଦେଖାଦେଉଥିଲା କିନ୍ତୁ ଏବେ ଅଳ୍ପ ବୟସରୁ ଲୋକେ ହାର୍ଟ ଆଟାକର ଶିକାର ହେଉଛନ୍ତି। ହେଲେ ହାର୍ଟ ଆଟାକ ଆସିବା ପୂର୍ବରୁ କିଛି ଲକ୍ଷଣ ଦେଖାଦେଇଥାଏ। ଏହି ଲକ୍ଷଣକୁ ଆଦୌ ଅଣଦେଖା କରନ୍ତୁ ନାହିଁ। ଏହିସବୁ ଲକ୍ଷଣ ଦେଖାଦେବା କ୍ଷଣି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଓ ଉପଚାର କରିବା ଦ୍ୱାରା ଆପଣ ସୁସ୍ଥ ଜୀବନ ବ୍ୟତୀତ କରିବେ। ଆସନ୍ତୁ ଜାଣିବା ହାର୍ଟ ଆଟାକ ପୂର୍ବ ସଙ୍କେତ କ’ଣ ସବୁ ରହିଛି।

**ଛାତିରେ ଯନ୍ତ୍ରଣା :** ଯଦି ଆପଣଙ୍କ ଛାତିରେ ଖୁବ ଜୋରରେ ଯନ୍ତ୍ରଣା ହେଉଛି। ଶରୀର ଭାରି ଅନୁଭବ କରୁଛନ୍ତି। ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ତେବେ ଏହା ହୃଦୟ ସମ୍ବନ୍ଧୀୟ ସମସ୍ୟା। ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

**ବ୍ଲୋଟିଂ :** ଯଦି ବିନା କାରଣରେ ଆପଣଙ୍କୁ ଅସହଜ ଲାଗୁଛି କିମ୍ବା ଅଇ ଲାଗୁଛି ତେବେ ମଧ ଏହା ହାର୍ଟ ଆଟାକର ସଙ୍କେତ। ଏହି ସମସ୍ୟା ସବୁ ଦେଖାଦେଲେ ଇଗ୍ନୋର କରନ୍ତୁ ନାହିଁ ସାବଧାନ ହୋଇଯାଆନ୍ତୁ।

**ପେଟ ସମ୍ବନ୍ଧୀୟ ସମସ୍ୟା :** ହୃଦ ସମ୍ବନ୍ଧୀୟ ରୋଗର ମୁଖ୍ୟ ସଙ୍କେତ ହେଉଛି ପାଚନ ସମ୍ବନ୍ଧୀୟ ସମସ୍ୟା ବଢ଼ିଯିବ। ଯଦି ଆପଣ ଖାଇସାରିବା ପରେ ବଦହଜମୀ ଭଳି ସମସ୍ୟା ଦେଖାଦେଉଛି ଏବଂ ଛାତିରେ ଅସହଜ ଅନୁଭବ କରୁଛନ୍ତି ତେବେ ଏହାକ ହୃଦରୋଗର ସଙ୍କେତ ଭାବେ ଗ୍ରହଣ କରାଯାଇପାରେ। ଏହି ସମସ୍ତ ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ।

**ଗୋଡ଼ ଫୁଲିବା :** ରିପୋର୍ଟ ଅନୁସାରେ ହଠାତ୍ ପାଦ ଫୁଲିବା ହାର୍ଟ ସମସ୍ୟାର ସଙ୍କେତ। ଯେତେବେଳେ ହାର୍ଟ ଭଲ ଭାବରେ ଫଙ୍କସନ କରିପାରେ ନାହିଁ ସେତେବେଳେ ପାଦ ଫୁଲିଥାଏ।

**ଥକ୍କା ଅନୁଭବ କରିବା :** ହୃଦୟ ସମସ୍ୟା ଦେଖାଦେଲେ ଶରୀରର କିଛି ଅଂଶକୁ ରକ୍ତ ପ୍ରବାହିତ ଠିକ ଭାବରେ ହୋଇପାରେ ନାହିଁ। ଯେଉଁଥିପାଇଁ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ। ଯଦି ଆପଣ କୌଣସି କାମ ନକରି ଥକ୍କା ଅନୁଭବ କରୁଛନ୍ତି ତେବେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**କିପରି ରକ୍ଷା ପାଇବେ :** ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା ପାଇବା ପାଇଁ ଡାଏଟ ଉପରେ ଧ୍ୟାନ ଦିଅନ୍ତୁ। ସ୍ମୋକିଂ ଓ ଡ୍ରିକିଂରୁ ଦୂରେଇ ରୁହନ୍ତୁ। କ୍ଷୀର ଚା ପିଅନ୍ତୁ ନାହିଁ, ସବୁଜ ପନିପରିବା ଖାଆନ୍ତୁ। ଗଜାବୁଟ ଓ ମୁଗ ଖାଆନ୍ତୁ ନିୟମିତ ବ୍ରିଦିଂ ଏକ୍ସରସାଇଜ କରନ୍ତୁ। ବ୍ରିକ୍ସ ୱାକ କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ। ଫଳରସ ଓ ପଇଡ଼ ପାଣି ସେବନ କରନ୍ତୁ।

ଆପଣ, ଆପଣଙ୍କ ହୃଦୟ କଥା ଚିନ୍ତା କଲେ ସେ ମଧ ଆପଣଙ୍କ କଥା ନିଶ୍ଚିନ୍ତ ଚିନ୍ତା କରିବ। ଧାଁ ଧଉଡ଼ ଜୀବନ, ତୀବ୍ର କର୍ମବ୍ୟସ୍ତତା, ସମୟ ନିଅଣ୍ଟ ପଡୁଛି, ଫୁରସତ୍ ହିଁ ମିଳୁନି ଏପରି ଭାବନା ସବୁ ଆଦୌ ରଖନ୍ତୁ ନାହିଁ। କାରଣ ହୃଦୟର ଜଟିଳତା କିଛି ସେକେଣ୍ଡ ଭିତରେ ଅନେକ କିଛି ଅଘଟଣ ବା ଦୁଃଖଦ ପରିସ୍ଥିତି ଭିତରକୁ ଠେଲି ଦେଇଥାଏ। ତେଣୁ ହୃଦୟକୁ ନେଇ ଆପଣଙ୍କର କୌଣସି ସାମାନ୍ୟତମ ସମସ୍ୟା ଦେଖାଦେଲେ ଆପଣ ତୁରନ୍ତ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ। ଅନେକ କ୍ଷେତ୍ରରେ ଏହାକୁ ହୃଦରୋଗ ବା ହୃଦଜନିତ ସମସ୍ୟା ନଭାବି ମାମୁଲି ଭାବରେ ଅଣଦେଖା କେହି କେହି କରିଦେଇଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହୋଇଥାଏ। ତେବେ ଏହି ସମସ୍ୟା ସମୟରେ ଦେଶୀୟ ଚିକିତ୍ସା ବା ଟୁଣ୍ଟୁକାଟୁଣ୍ଟୁକି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ। ଏକ ନିରୋଗ, ସୁସ୍ଥପ୍ରଦ ଜୀବନ ପାଇଁ ଆପଣ ଏକ ଭଲ ରୁଟିନଟି ତିଆରି କରନ୍ତୁ। ହୃଦୟର ସୁରକ୍ଷା ପାଇଁ ସେପରି କିଛି ବଡ଼ ବା ଜରୁରୀ ରୁଟିନ ଦରକାର ପଡ଼ିନଥାଏ। ନିର୍ଦ୍ଧାରିତ ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ, ବିଶ୍ରାମ ନିଅନ୍ତୁ, ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ଆମିଷ ଖାଦ୍ୟ, ତଟକା ପନିପରିବା, ଫଳରସ, ଶାଗ ଏସବୁକୁ ରଖନ୍ତୁ ଆଉ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ନିଜକୁ ସବୁବେଳେ ପ୍ରଫୁଲ୍ଲିତ ରଖିବା ସହ ସକରାତ୍ମକ ଚିନ୍ତାଧାରା ଭିତରେ ନିଜକୁ ଅତିବାହିତ କରନ୍ତୁ। ପରିବାରବର୍ଗ, ଆଖପାଖର ଆତ୍ମୀୟସ୍ୱଜନ, ଅଫିସର ବନ୍ଧୁ ପରିଜନ ଏମାନଙ୍କ ସହ ଏକ ଭଲ ଭାବନାର ଚିନ୍ତନ ରଖି ସମୟ ଅତିବାହିତ କରନ୍ତୁ। ଦେଖିବେ ହୃଦୟ ଆପଣଙ୍କୁ କେବେ ଅଧା ରାସ୍ତାରେ ହାତ ଛାଡ଼ିବ ନାହିଁ। ସେ ସବୁ ଦିନ ଆପଣଙ୍କ ହାତ ଧରି ନିଶ୍ଚିନ୍ତ ଚାଲୁଥିବ....।


♥ ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୨୭୭୮୬୪


## କବିତା...

### ॥ କ୍ଷମାକର ପୃଥ୍ୱୀ ॥

**● ସୁମିତା ବେହେରା**



ତୁ ଯାହାବି ଦେଇଥିଲୁ
ଭାସିଗଲା ଆଖି ଲୁହରେ
ଚୁପ୍ ଚାପ୍ ବ୍ୟଥାର ମନ୍ଦ୍ର ସାକ୍ଷ୍ୟଦାନ ସହ
ଛିଣ୍ଡା କନା, ରସଗିନା ଓ
ଜଳଜଳ ଦିଶୁଥିବା
ଫାଳେ ଜହ୍ନର ଲୁଚକାଳିରେ
ଅଛି, ଅଛି
ଚିରୁଡ଼ାଏ ଆଶା
ପ୍ରାର୍ଥନା, ତା ବି ଶୁଖି ନ ଯାଉ
ପରିହାସର ଖରାରେ
ଅବା ଅନ୍ଧାରଭରା ଜହ୍ନରାତିରେ ।

ଏବେ ବେଳ ଆଖର
ପଶ୍ଚାତପଦ ମୋର
ପ୍ରେମ କାହାଣୀର ଥିରି ଥିରି ପାଦ
ପୋଷେ ଚାଉଳର ଅପେକ୍ଷାରେ ରସହାଣ୍ଡି
ଅଥଚ ନିଆଁ ହୋଇ
ଜଳି ଚାଲିଛି ମୁଁ
ତୋ ସୁକୁମାରପଣକୁ ଧରିପାରୁନି
ମୋ ନିଷ୍ପନ୍ଦ ବିନିନ୍ଦ୍ର ଆଖିରେ ।

ତୁ ମୋତେ କ୍ଷମା କର ପୃଥ୍ୱୀ,
ମୁଁ ବା କଣ ଦେଲି ତୋତେ
ନା ହେଲି ନତଜାନୁ
ନା ଖୋଲିଲି ହୃଦୟର ବନ୍ଦ ଦରଜା
ନା ମନେରଖିଲି ତୋ ସୁନାଛାଉଣି ପିଠି
ନା ବିସ୍ମିତ ହେଲି, ତୁ ହସି ହସି
ଦେଖାଇଦେଇଥିବା
ମୋର ମିଥ୍ୟାବାଦୀ ଚେହେରା
ଠିକ୍ ସେଇଠି, ଯେଉଁଠି
ତୋ ସବୁଜିମାର ବିପୁଳବୈହରଣରେ
ଭରିଛି ଧୂସର ରଙ୍ଗ ଓ
ଗୋଟେ ଲମ୍ବା ରାହାର କରୁଣରାଗ ।
ତୁ ମୋତେ କ୍ଷମାକର ପୃଥ୍ୱୀ
ପ୍ରାର୍ଥନା ମୋର
ତୁ ଜାଳିଥିବା ଶତଶତ ଦୀପମାଳା
କେଇ ବୁନ୍ଦା ଆଲୁଅ ହୋଇ ଖସିପଡୁ
ସେହି କ୍ଷଣପ୍ରଭ ଆଲୁଅରେ
କେହି ଜଣେ କହି କହି ବାଟଦେଖାଉ
କେହି ନ ଥିଲାବେଳେ
ମୁଁ ହିଁ ତୋର ଏକାନ୍ତ ନିଜର ।


♥ ବାରିପଦା, ମୟୂରଭଞ୍ଜ
୬୩୭୨୮୫୬୯୯୪


### ॥ ପୁଣି ଥରେ ସକାଳ ॥

**● ସ୍ନିଗ୍ଧା ପଣ୍ଡା**



ଗୋଟେ ଶୀତ ରାତି କଣ
ସବୁ ଋତୁ ଓ ରାତିର ଠିକଣା ଯେ
ଅନ୍ଧାରରେ ଥରି ଉଠୁଥିବା ଜୀବନ
ଜିଇଁବାକୁ ଖୋଜିବା ଛାଡ଼ିଦେଇପାରେ
ଭୋର୍ ଘଣ୍ଟିର ଗୀତରେ
ଖୁସି ପୁଣି ଚିକ୍ ଚିକ୍ ହୁଏ
ବରଫରେ ଖରା ପଡିଲା ପରେ
ପୁଣି ଥରେ ସକାଳ ଆସିଲା ପରେ ?

ଶୂନ୍ୟ ପଣ ଭିତରେ
ନୀରବ ମୂହୁର୍ତ୍ତ ମାନଙ୍କରେ
ଦେଖି ହେଉ ନଥିବା
ଦୁଃଖ ଥାଏ ବୋଲି କଣ
ମାଂସ ରକ୍ତରେ ଭିଡି ହେଇଥିବା ଜୀବନ
ଜିଇଁବାକୁ ଖୋଜିବା ଛାଡ଼ିଦେଇପାରେ
ଶୁଖିଲା ଟାଣ ମଞ୍ଜିରୁ ଉଙ୍କିମାରେ ପତ୍ର
ବିନା ବର୍ଷାରେ
ଆଉ ଗୋଟେ ପତ୍ରରୁ ଖସୁଥିବା
କାକର ଛୁଆଁରେ ?

ଘୃଣାର ଟ୍ରେନ୍ ଲାଇନ ପାଖେ ପାଖେ
ଅନିର୍ଦ୍ଦିଷ୍ଟ ଦିଗବଳୟକୁ ଚାହିଁ
ଧାଇଁଲା ବେଳେ କଣ
ମରଣର ସନ୍ତ୍ରାନ୍ତ ପଣରେ କାକୁସ୍ଥ ଜୀବନ
ଜିଇଁବାକୁ ଖୋଜିବା ଛାଡ଼ିଦେଇପାରେ
ଅଭାବରେ ଅଯତ୍ନରେ
ପାପରେ ଅବିଶ୍ୱାସରେ
ଭଲପାଇବା ଯେ ତଥାପି ଜିତୁ ଥାଏ
ଏବଂ ଜିତିପାରେ
ଏଇ ପୃଥିବୀରେ
ଖାଲି ଏଇ ପୃଥିବୀରେ ?


♥ ମୋ-୯୮୬୧୩୨୩୬୫୦


### ॥ ଆମ ଦେଶରେ ॥

**● ଭକ୍ତ ଚରଣ ସୁନାନୀ**



ଜଣେ ନାରୀ
ଅର୍ଦ୍ଧନଗ୍ନ ଦେହକୁ ଦେଖାଇ
ଆଇଟମ ଗୀତର ତାଳେତାଳେ ନାଚିଲେ
ତାକୁ କୁହାଯାଏ ସେଲିବ୍ରିଟି
ଆଉ ଜଣେ
ଟଂକାର ଅଭାବରେ
ଚିରା ଫଟା ଲୁଗା ପିନ୍ଧିଲେ
ତାକୁ କୁହାଯାଏ ଗରିବ, ମଫସଲ ଗାଉଁଲି।

ଜଣେ ନାରୀ
ରାଜ ଉଆସରେ ରହି
ଟଂକାର ଶେଯରେ ଶୋଉଥିଲେ
ତାକୁ ଯୋଗାଇ ଦିଆଯାଏ ସ୍ୱତନ୍ତ୍ର ସୁରକ୍ଷା
ଆଉ ଜଣେ
ବିଚ୍ ରାସ୍ତାରେ ଦୁଷ୍କର୍ମର ଶିକାର ହେଲେ
ତାକୁ ସାଥ୍ ଦେବାପାଇଁ, ହାତ ବଢେନି।

ଜଣେ ନାରୀ
ଘରୁ ବାହାରକୁ ବାହାରିଲେ
ତା ପଛରେ କେତେ ଗଣମାଧ୍ୟମର
ଲମ୍ବା ଧାଡି ଲାଗେ
ଆଉ ଜଣେ
ନ୍ୟାୟ ପାଇଁ କାନ୍ଦି କାନ୍ଦି
ମୁଣ୍ଡ ପିଟି ଗୁହାରି କଲେବି, ନଜର
ପଡେନି।

ଜଣେ ନାରୀ
କୌଣସି କାର୍ଯ୍ୟକ୍ରମରେ ଯୋଗ ଦେଲେ
ତାକୁ ହଜାର ହଜାର ସଂଖ୍ୟାରେ
ଫୁଲ ତୋଡ଼ା ଦେଇ, ପାଛୋଟି ନିଆଯାଏ
ଆଉ ଜଣେ
ରାସ୍ତାରେ ଯାଉଥିବା ବେଳେ
ତାକୁ ଗଣଦୁଷ୍କର୍ମ ପରେ
ଉଲଗ୍ନ କରି ବୁଲାଯାଏ।


♥ ଖୁଣ୍ଟିଆ, ପର୍ଲା, କଳାହାଣ୍ଡି
ମୋ. ୯୩୩୭୬୭୪୬୭୧


### ॥ ନିଷ୍ଠୁର ସମୟ ॥

**● ଲିପିନ ରାଉତ**



ବୈଶାଖର ପହିଲି ବର୍ଷା
ଦେହ ଓ ମନ ଆନ୍ଦୋଳିତ
ଭିଜା ମାଟିର ବାସ୍ନାରେ,
ଶିହରଣ ସଂଚରିତ ସର୍ବାଙ୍ଗରେ ।

ସ୍ୱପ୍ନ ସବୁକୁ ସାଥିରେ ନେଇ
ଆଗକୁ ବଢ଼େ ସେ,
ଅଭାବ ଅନାଟନର ପ୍ରତିବନ୍ଧକ
ଭୋକର ଆର୍ତ୍ତ ଚିତ୍କାର
ଶୁଭୁଥାଏ ସକାଳରୁ ସଞ୍ଜ ଯାଏ ।

ଭାଗ୍ୟକୁ ଗଣ୍ଠିଲିରେ ବାନ୍ଧି
ଆଜି ସେ, କର୍ମ ପାଇଁ ତତ୍ପର
ଆଶା ! ଶୁଝିଦେବ ମହାଜନର କରଜର
ବୋଝକୁ, ଏଇ ଆସନ୍ତା ବରଷ ।

ହାୟ ! କେତେ ନିଷ୍ଠୁର ସେ ସମୟ
ସବୁ କିଛି ଛଡାଇ ନିଏ ତା ଠୁ
ବିପର୍ଯ୍ୟୟର ଦ୍ୱାହି ଦେଇ
ଆଉ ଛିଡ଼ା କରିଦିଏ ତାକୁ ବିକଳାଙ୍ଗ ପରି
ଦୁନିଆର ମଝି ଦାଣ୍ଡରେ ।


ମଦନପୁର, କେନ୍ଦୁଝର
(ମୋ)
୭୦୦୮୯୮୦୧୯୬


### ॥ ତମେ ପୂରା ନିରବ !॥

**● ପ୍ରଦେଶ ପ୍ରତ୍ୟୁଷ**



ପୁଣି କ’ଣ ହେଲା ଯେ ତମେ ପୂରା ନିରବ !
ମୁଁ ଫଗୁଣର ମନ୍ଦ ମଳୟ ସାଜି -
ତୁମକୁ ଛୁଇଁବାକୁ ଇଚ୍ଛା କରି
ଅସଫଳ ହୋଇଛି....

ମୁଁ କାଳ ବୈଶାଖୀ ହୋଇ
ତୁମ ମନ ଯୌବନକୁ
ଅଥୟ କରିବାକୁ ଚାହିଁ
ନିରାଶରେ ଫେରିଛି..

ତମେ ବୁଝନା ...
ପ୍ରେମ ପ୍ରୀତି ହୃଦୟର ଯନ୍ତ୍ରଣା ।
କେତେ ଯେ ବିନିଦ୍ର ରଜନୀ ବିତେ

ତୁମ ବିନା !
ଅସହାୟ କ୍ଳାନ୍ତ ପଥିକ ପରି ମୁଁ
ସ୍ୱପ୍ନ ରାଇଜରେ ଘୁରି ବୁଲେ ...
ତୁମ ପ୍ରଣୟର ବର୍ଷାରେ

ମୁଁ ଭିଜେ ହଜେ ... ନିଜକୁ ଖୋଜେ !
ତମେ ନଥାଅ ପାଖେ ।
ମୁଁ ତମ ନିରବତାର ବର୍ଣ୍ଣିଳ ବର୍ଣ୍ଣବୋଧକୁ
ପଢୁଥାଏ ।


କୁରୁମଟାଙ୍ଗର, ମହୁଲ
ପଡ଼ା, ଢେଙ୍କାନାଳ
(ମୋ)
୭୦୦୮୪୩୧୨୫୭


### ॥ ମୁହଁ ॥

**● ନିରଞ୍ଜନ ନାୟକ**



ମନର ଚିନ୍ତା ଚେତନା ଭାବନା ସହ
ଯୋଡିତ ମୁହଁ ଗୁଡିକ
କେବେ ଦିଶେ ଚଳଚଞ୍ଚଳ
କେବେ ଥାଏ ନୀରବ ନିଶ୍ଚୁପ

ତମ ମୁହଁ ନୁହଁ ତା ପରି, ମୋ ପରି
ତା ମୁହଁ ନୁହଁ ତମ ପରି
ମୋ ମୁହଁ ଦିଶେନାହିଁ ତମ ପରି
କି ତା ପରି ।

କିଛି ମୁହଁ ଅମାୟିକ, ଶାନ୍ତ ସରଳ ହସକୁରା
କିଛି ମୁହଁ ଦିଶେ ଗାମ୍ଭୀର୍ଯ୍ୟ
ଚିନ୍ତାମଗ୍ନ ଏକ ଭିନ୍ନ ଚେହେରା
ଦୁଃଖର ସମାହାର
ଆଉ କିଛି ମୁହଁ ହୋଇଥାଏ
ସଜ ଫୁଲର ପାଖୁଡା ।

ପିଲାବେଳ ମୁହଁ ସବୁ ସ୍ମୃତିର ଫୁଆରା
ଏ ମୁହଁମାନେ ବି ସାମୟିକ
ବୟସର ଛାପ ପଡି ହୋଇଯାଏ ମଳିନ

ଦିନ ବର୍ଷ ମାସ ସହ
ସମୟର ସଂସ୍ପର୍ଶ ରେ ଆସି
ମୁହଁ ସବୁ ବଦଳିଯାଏ
ଶେଷରେ, ବୟସର ଅପରାହ୍ଣରେ
ସବୁ ମଣିଷର ମୁହଁ,
ହୋଇଯାଏ ବୁଢାମୁହଁ।


♥ ଟିକିରି,(ଗୌଡସାହି)
କାଶୀପୁର,ରାୟଗଡ
ମୋ-୭୯୯୧୦୨୧୫୮୫

# ଆଜିର ପ୍ରଚାର ସର୍ବସ୍ୱ ଦୁନିଆରେ ପ୍ରଚାର ଓ ପ୍ରସାରର ଅଭାବ ହିଁ ଆମର ଦୁର୍ବଳତା : ଉମାକାନ୍ତ ରାଉତ

**ଉମାକାନ୍ତ ରାଉତ**
ଓଡଆ କବିତା ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ କେବଳ କବିତା ନୁହଁ, ଗପ, ପ୍ରବନ୍ଧ, ବ୍ୟଙ୍ଗ ଓ ସ୍ତମ୍ଭ ରଚନା କରି ତିଆରି କରିଛନ୍ତି ଯେଉଁ ପରିଚୟ, ତାର ତୁଳନା ନାହିଁ । ତାଙ୍କ ଲେଖାରେ ଦୃଶ୍ୟମାନ ହୁଏ ଯେଉଁ ନିଛକ ବାସ୍ତବତା ତାହା ଜହ୍ନରାତି ପରି ନୁହେଁ ବରଂ ଶାଣିତ ସୂର୍ଯ୍ୟର ଅକପଟ ଅସ୍ମିତାରେ ଦିଶେ ଉଜ୍ଜ୍ୱଳ । ଚାରିପଟର ଅନ୍ତରଙ୍ଗ ଅସ୍ମିତ୍ୱ ଓ ଅବସ୍ଥିତି ହିଁ ମୋର ସାରସ୍ୱତ ପ୍ରେରଣା ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସୃଜନର ଆଦ୍ୟ ସ୍ଫୁରଣ କେମିତି ହୋଇଥିଲା ହୁଏତ ମୁଁ କହିପାରିବି ନାହିଁ । ଆଗରୁ ଗାରାଗାରି କରୁଥିଲେ ହେଁ ବୋଧହୁଏ ବିଦ୍ୟାଳୟରେ ଗାନ କରାଯାଉଥିବା ଦ୍ୱୈତଗାନ (DUET) ଲେଖାରୁ ଆରମ୍ଭ ହୋଇଥିଲା ମୋ' ରଚନା ଯାହାକି ମୁଖ୍ୟତଃ କଥୋପକଥନ ଶୈଳୀରେ ସାମାଜିକ ସମସ୍ୟା ଆଧାରିତ ରମ୍ୟରଚନା ପର୍ଯ୍ୟାୟର ଥିଲା । ହେଲେ ପ୍ରଥମ ପ୍ରକାଶିତ ଲେଖାଟି ଥିଲା 'ଶେଷ ବିଳାପ' ନାମ ଏକ ଗପ, ଯାହାକି ଆମ ବିଦ୍ୟାଳୟର ସ୍ମରଣିକା 'ନାରାୟଣ'ରେ ପ୍ରକାଶିତ ହୋଇଥିଲା । ହେଲେ ସୃଜନର ପହିଲି ପୁଲକ ମୋତେ ମିଳିଥିଲା ମହାବିଦ୍ୟାଳୟ ପଢ଼ିବା କାଳରେ। ବିଧିବଦ୍ଧଭାବେ ଲେଖିବାକୁ ସେତିକି ବେଳେ ବୋଧହୁଏ ମୋର ମନ ବଳିଥିଲା। ପରେ ପରେ ଉଭୟ ଗପ ଓ କବିତାରେ ମୁଁ ସ୍ୱଚ୍ଛନ୍ଦ ବିଚରଣ ଅନୁଭବ କଲି । ସମୟାନୁସାରେ ଶିଶୁ-କିଶୋର, ସାହିତ୍ୟ, ବ୍ୟଙ୍ଗରଚନା, ସ୍ତମ୍ଭ ଓ ପ୍ରବନ୍ଧ ରଚନା ମଧ୍ୟ କଲି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ନିର୍ଦ୍ଦିଷ୍ଟ ଭାବେ କହିପାରିବି ନାହିଁ । ମୋର ରଚନାକୁ ମୁଁ ସମକାଳର ସଚ୍ଚୋଟ ସତ୍ୟପାଠ କରିବାର ଆପ୍ରାଣ ଚେଷ୍ଟାରେ ଥାଏ । ନିଜ ସମୟ ପ୍ରତି ମୁଁ ନିହାତି ନିଷ୍ଠ ଓ ନିବିଷ୍ଟ ଥାଏ ନିଜ ରଚନାରେ । ଅନ୍ତସ୍ଥ ନୀରବତାର ନିର୍ଜନ ଉପଲବ୍ଧି, ଚାରିପଟର ଅନ୍ତରଙ୍ଗ ଅସ୍ମିତ୍ୱ ଓ ଅବସ୍ଥିତି ହିଁ ମୋର ସାରସ୍ୱତ ପ୍ରେରଣା । ସାଧାରଣ ଅବା ଅସାଧାରଣ ମଣିଷ, ସାମ୍ପ୍ରତିକ ପରିସ୍ଥିତି, ସମକାଳର ପରିବେଶ, ବୃକ୍ଷଲତା, ପଶୁପକ୍ଷୀ ଏପରିକି ଦେବାଦେବୀ ହିଁ ଉକ୍ତ ପ୍ରେରଣା ଓ ଉପଲବ୍ଧିର ଉପାଦାନ ଓ ଉତ୍ସ । ଆଦ୍ୟକବି ସାରଳା ଦାସଙ୍କୁ ପ୍ରାୟ ପ୍ରତ୍ୟେକ ଓଡ଼ିଆ ସାହିତ୍ୟିକ ଆଦ୍ୟଗୁରୁ ଭାବେ ସ୍ମରଣ କରି ନିଜକୁ ଗୌରାବାନ୍ୱିତ ମନେ କରନ୍ତି । ମୁଁ ଏଥିରେ ବ୍ୟତିକ୍ରମ ହେବି କାହିଁକି ?

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ପ୍ରଥମ ପ୍ରଶ୍ନର ଉତ୍ତରରେ ପ୍ରଥମ ପ୍ରବେଶ ସମ୍ପର୍କରେ ସମ୍ୟକରେ କହିଛି । ସମସ୍ତଙ୍କର ପ୍ରଥମ ପ୍ରବେଶର ଅନୁଭୂତି ନିଆରା ଥାଏ । ମୁଁ ବି ବ୍ୟତିକ୍ରମ ନୁହେଁ । ହେଲେ ମୋର ଯାହା ମନେ ପଡୁଛି ସାରସ୍ୱତ ସର୍ଜ୍ଜନାକୁ ନେଇ ମୋତେ ହିଲ୍ଲୋଳିତ କରିଥିବା ପହିଲି ପୁଲକ ଥିଲା ଯେତେବେଳେ 'ନାରାୟଣ' ପତ୍ରିକାରେ ମୁଁ ମୋର ପ୍ରଥମ ପ୍ରକାଶିତ ଲେଖା ଦେଖିଲି । ସେଦିନ ମୁଁ ବୃତ୍ତି ପାଇଥିବା ସମସ୍ତ ଟଙ୍କା (ବୋଧହୁଏ ୧୫ ଟଙ୍କା) ସମସ୍ତଙ୍କୁ ମିଠା ବଣ୍ଟାରେ ସାରି ଦେଇଥିଲି । ସଚେତନ ଭାବେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ କି ଆଦର୍ଶ କଥା କେବେ ଭାବିନାହିଁ । ପକ୍ଷୀଟିଏ ଗୀତ ଗାଇଲା ବେଳେ, କୋଇଲିଟିଏ କୁହୁ କଲାବେଳେ କଣ କିଛି ଭାବେ ? ଯାତ୍ରା ଚାଲିଛି । ଚାଲୁ ଚାଲୁ ଆପଣାର ସହଜାତ ପ୍ରବୃତ୍ତି ଦାୟରେ ଯାହା ଯେମିତି ହେଇଯାଇଛି । ଆଚରଣ ଓ ଉଚ୍ଚାରଣରେ ଭିନ୍ନତା ମୋର ପସନ୍ଦ ନୁହେଁ । ସୌକ ପାଇଁ ଯେତେ ନୁହେଁ ଜନଜୀବନର ଦାୟ ଦାୟିତ୍ୱରେ ମୋ ଲେଖନୀରୁ ସ୍ୱତଃ ଯାହା ନିର୍ଗତ ହୋଇଯାଇଛି । ଛଳଛଳ ଅଭିନୟ କରି ଛଳନାର କଥା କହିପାରେ ନାହିଁ ବୋଲି ଗଣ୍ଡକୁହୁକତାରେ ଭ୍ରମି ଆପଣାର ନିଶକୁ ଜୋର ଜୋର ମୋଡୁଥିବା ତଥାକଥିତ ମୁଣ୍ଡିଆଳଙ୍କ ଆକ୍ରୋଶର ଶିକାର ମଧ୍ୟ ହୋଇଛି । ହେଲେ, ଅନେକ ଉପଭୋକ୍ତାବାଦୀୟ ସାହିତ୍ୟ ସଂସ୍ଥା ମୋତେ ଅପହରଣ କରିବାକୁ ଅକ୍ଷମ ବୋଲି ମୁଁ ଗର୍ବ ଅନୁଭବ କରେ ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ଏଯାଏଁ ମୋର ୧୪ଟି ପୁସ୍ତକ ପ୍ରକାଶିତ ଓ ଆଉ ୩ଟି ପ୍ରକାଶ ହେବା ଉପରେ। ସବୁ ପୁସ୍ତକ ମୋର ପ୍ରିୟ । ହେଲେ ମୋର ବହୁଳ ପ୍ରଚାରିତ କବିତା ପୁସ୍ତକ 'ସାଇଲେନ୍ସ ପ୍ଲିଜ୍, କବି ଆସୁଛନ୍ତି' କଥା କହିବାକୁ ଉଚିତ ମଣିବି । କାରଣ ଖୁବ୍ ଭଲପାଇବାର ଦାୟରେ ସେହି ପୁସ୍ତକଟିକୁ କଲିକତାର ପ୍ରବାସୀ ଉତ୍କଳୀୟ ଭାଇଭଉଣୀମାନେ ଛାପି ଓ ସେଠାରେ ଉଦ୍‌ଘାଟନ କରି ମୋତେ ଶ୍ରଦ୍ଧାର ଉପହାର ସ୍ୱରୂପ ଦେଇଥିଲେ । ଏହାର ପ୍ରମୁଖରେ ଥିଲେ 'ଲେଖା ସାହିତ୍ୟ ସଂସଦ'ର ସଭାପତି ତଥା 'ଲେଖା' ପତ୍ରିକାର ସୁଯୋଗ୍ୟ ସଂପାଦକ ଡକ୍ଟର ଜ୍ଞାନେଶ୍ୱର ମିଶ୍ର । ସେମାନଙ୍କର ଭବ୍ୟ ଆୟୋଜନ ଓ ଆନ୍ତରିକ ପ୍ରେମ ମୋ' ଆଗରେ ଚିରକାଳ ସମୁଜ୍ଜ୍ୱଳ । ସେଥିପାଇଁ ମୁଁ ଋଣୀ । କହିବାକୁ ଗଲେ ଉକ୍ତ ପୁସ୍ତକଟି ମୋର ପରିଚୟ ସୃଷ୍ଟି କରିଥିଲା ଏବଂ ସଭାସମିତିରେ ସଭିଏଁ ମୋତେ 'ସାଇଲେନ୍ସ ପ୍ଲିଜ୍, କବି ଆସୁଛନ୍ତି' ସମ୍ବୋଧନ କରିବାକୁ ଲାଗିଲେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଂକଟରେ ନୁହେଁ । ତାକୁ ସଂକଟାମୁଖୀ କରାଯାଉଛି । ଏଥିପାଇଁ ମୁଖ୍ୟସ୍ରୋତ ମିଡିଆ, ଚଳଚ୍ଚିତ୍ର ଏବଂ ଆମେ ସଭିଏଁ ଅକ୍ଷେ ବହୁତ ଦାୟୀ । ୧୯୫୪ରେ ପୂଜ୍ୟ ନବକୃଷ୍ଣ ଚୌଧୁରୀଙ୍କ ପ୍ରଣିତ 'ଭାଷା ଆଇନକୁ ଏବେ ଦାନ୍ତହୀନ ଓ ବିକଳାଙ୍ଗ କରି ଦିଆଯାଇ, ଭାଷା ବ୍ୟବହାରର ମିଛ ଭେଳିକି ପ୍ରଚାର ଚାଲିଛି । କେଇଜଣ କବି ସାହିତ୍ୟିକ ପ୍ରତିଷ୍ଠିତ ଲେଖକ ଏଥିପାଇଁ ସ୍ୱର ଉତ୍ତୋଳନ କରିଛନ୍ତି ? ପ୍ରତିବାଦ କରିଛନ୍ତି ? କବି ଗଜାନନ ମିଶ୍ର ଭାଷା ବ୍ୟବହାର ପାଇଁ ଆମରଣ ଅନଶନରେ ବସିଲେ । କେଇଜଣ କବି ଲେଖକ ସାମିଲ ହେଲେ ? କେଇଜଣ ସ୍ୱର ଉଠେଇଲେ ? ବରଂ କେଇଜଣ ନ୍ୟସ୍ତସ୍ୱାର୍ଥୀ ରାହୁକେତୁଙ୍କ ଭଳି ଛଦ୍ମବେଶରେ ରହି ବେଶ୍ ଫାଇଦା ଉଠେଇଲେ । ମୁଁ ଏସବୁର ପ୍ରତ୍ୟକ୍ଷ ସାକ୍ଷୀ । କହିଲେ କଥା ସରିବନି । ହେଲେ, ମୁଁ ଆଶାବାଦୀ । ଯେତେବେଳେ ସଂସ୍କୃତ ଓ ହିନ୍ଦୀ ଆଜି ଭାଷା ଆମ ଭାଷାକୁ ଗ୍ରାସ କରିବାକୁ ବସିଥିଲା, ସେତେବେଳେ ସେଥିରୁ ମୁକୁଳାଇବାକୁ ଶାରଳା, ଜଗନ୍ନାଥ, ବଳରାମ, ଉପେନ୍ଦ୍ର, ଅଭିମନ୍ୟୁ ଏବଂ ଦୀନକୃଷ୍ଣଙ୍କ ଭଳି ଯୋଗଜନ୍ମାଙ୍କର ଆବିର୍ଭାବ ଘଟିଥିଲା । ଯେତେବେଳେ 'ଓଡ଼ିଆ ଏକଟା ଭାଷା ନଏଁ' ବୋଲି ଷଡ଼ଯନ୍ତ୍ର ହେଲା ସେତେବେଳେ ଫକୀରମୋହନ, ମଧୁବାବୁ, ଗଙ୍ଗାଧର, ଗୌରୀଶଙ୍କର ଆଦି ଅନେକ ମନିଷୀଙ୍କର ଆବିର୍ଭାବ ଘଟିଥିଲା । ଶାରଳା, ଅତିବଡ଼ୀ, ବଳରାମ ଆଦିଙ୍କ ରଚନା ଥିଲା କବିତା । ହିନ୍ଦୁ ଧର୍ମଧାରଣାନୁଯାୟୀ ମୁକ୍ତି ପାଇବାର ଅନ୍ୟତମ ମାର୍ଗ ହିଁ ଗୀତା, ଯାହାକି କବିତା । ଶ୍ରୀବେଦ, ରାମାୟଣ, ମହାଭାରତ ଆଦି ସମସ୍ତ ରଚନା ହିଁ କାବ୍ୟ। ସୁତରାଂ କବିତା ଚିରକାଳ ମୁକ୍ତିର ମାର୍ଗ ହୋଇ ରହିଆସିଛି- ସିଏ ମାତୃଭୂମି ମାତୃଭାଷା ପାଇଁ ହେଉ କି ଅଳୀକ ମାୟାରୁ ମାୟାଶୂନ୍ୟ ଚିରନ୍ତନତା ଆଡ଼କୁ ହେଉ ।


କନ୍ୟାରତ୍ନ ସହ କବି ଉମାକାନ୍ତ...

■ କବିତରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ ଆପଣଙ୍କର ଅଛି କି ?

■■ ନିଶ୍ଚୟ ସମ୍ଭବ । ସେଥିପାଇଁ ମୁଁ କହେ-

*"କବିତାର ନାଆ ବାହି ଉତୁରି ଆସିଛି*
*ଦୁଃଖର ଅତଳ ସାଗରରୁ*
*ଯେତେଥର ଢେ଼ଉ ଆସେ ଭସେଇ*
*ନେଇଛି, ସେତେଥର ପାଲଟା ଢେଉରେ*
*ଫେରି ଆସିଛି କୂଳକୁ*
*ବିସ୍ତୀର୍ଣ୍ଣ ବାଲୁକାଶଯ୍ୟାରେ*
*ପଡ଼ିରହିଥିବା*
*ଚୁନି ଚୁନି ଶବ୍ଦ ଶାମୁକାଙ୍କ ମେଳକୁ ।"*

ଯଦି ପରିବର୍ତ୍ତନ ସମ୍ଭବ ହୋଇ ନଥାନ୍ତା, ଲୋରୀ (କବିତା) ଶୁଣି ଶିଶୁଟିଏ ଶୋଇପଡ଼ନ୍ତା କେମିତି ? ସାଲବେଗର ମାଆ 'ସେତ ଭକତ ଭାବରେ ବନ୍ଧାରେ, ଭକତ ଜୀବନ ଧନ' ଗାଇ ସାଲବେଗଙ୍କ କାନ୍ଦ ବନ୍ଦ କରି ତାଙ୍କୁ ଶୁଆଇ ପକାଇଥାନ୍ତେ କେମିତି ? ଯୁଦ୍ଧ କ୍ଷେତ୍ରରେ କୋଳାହଳ ଭିତରେ ଅର୍ଜ୍ଜୁନଙ୍କର ମାନସିକତାରେ ପରିବର୍ତ୍ତନ ହୋଇଥାନ୍ତା କେମିତି ? ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମିରେ ଜନମାନସକୁ ସର୍ବୋଚ୍ଚ ମାତ୍ରାରେ ପ୍ରଭାବିତ କରୁଥିଲା କବିତା । ନହେଲେ ପୂଜ୍ୟକବି ବାଞ୍ଛାନିଧି ମହାନ୍ତିଙ୍କ ନାମରେ ଏକ ସ୍ୱତନ୍ତ୍ର ଦେଶ 'ବାଞ୍ଛାନିଧି ଚକଲା' କେବେ ସମ୍ଭବ ହୋଇଥାନ୍ତା କି ? କବିତାକୁ ନେଇ ମୋର ଢେର ପ୍ରତ୍ୟକ୍ଷ ଅନୁଭବ ବି ଅଛି । ମୋତେ ଭୀଷଣ ଜ୍ୱର ଓ ଦେହ ଖରାପ ସମୟରେ କବିତା ଆବୃତ୍ତି/ ସଂଯୋଜନା ପରେ ମୋ' ଦେହ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବାର ପ୍ରମାଣ ଅଛି, ଯାହାକି ମୁଁ ମୋର କବିତା ସଂକଳନ 'ରଙ୍ଗାଧର, ଆଉଥରେ ଗାଆ ମୋ ଗୀତ'ର ଉପକ୍ରମଣିକାରେ ଦେଇଛି ।

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ଖୁବ୍ ଆଶାବାଦୀ । କେବଳ ଜାତୀୟ ନୁହେଁ, ଆନ୍ତର୍ଜାତୀୟ ସାହିତ୍ୟକୁ ତୁଳନା କଲେ ଆମର ଗପ, କବିତା, ସର୍ବୋପରି ସାହିତ୍ୟ ଉଚ୍ଚ ପର୍ଯ୍ୟାୟରେ ବୋଲି ପ୍ରମାଣିତ । ହେଲେ ଆଜିର ପ୍ରଚାର ସର୍ବସ୍ୱ ଦୁନିଆରେ ପ୍ରଚାର ଓ ପ୍ରସାରର ଅଭାବ ହିଁ ଆମର ଦୁର୍ବଳତା । ଅନ୍ୟ ଏକ ଦୁର୍ବଳତା ହେଲା ପାଣ୍ଡିତ୍ୟ ଓ ବଡ଼ କବିଙ୍କ ଦୌରାତ୍ମ୍ୟ । ନିଜକୁ ବଡ଼ ସାହିତ୍ୟିକ, ପଣ୍ଡିତ ଓ ପରମ ଜ୍ଞାନୀ ବୋଲି ଦେଖାଇବାକୁ ଯାଇ ସାଧାରଣ ମଣିଷର କଥା ନ କହି ଏବଂ ଲୋକଙ୍କ କଥା ନଲେଖି (COMMON MEN'S LITERATURE) ଆଡ଼ମ୍ବରୀୟ ଦୁର୍ବୋଧ ସାହିତ୍ୟ ରଚନା କରି ନିଜକୁ ସ୍ୱତନ୍ତ୍ର, ଅସାଧାରଣ ବୋଲି ଆତ୍ମପ୍ରଚାରିତା ଦେଖାଇବା । ସେଥିପାଇଁ ଆମେ କେଇଜଣ ମଝିରେ **Common men's poetry** ନାମରେ ଲେଖାଲେଖି ଆରମ୍ଭ କରିଥିଲୁ । ସହଜ, ସୁନ୍ଦର ଓ ସାବଲୀଳ ଢଙ୍ଗରେ ସାଧାରଣ ମଣିଷର କଥା କହିଲେ ତାହା ସେମାନଙ୍କ ପାଖରେ ପହଞ୍ଚି ପାରିବ । ଏପରି ହେଲେ ସାହିତ୍ୟର ଭବିଷ୍ୟତକୁ ନେଇ ଆଉ ଶଙ୍କା ରହିବ ନାହିଁ ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? କବିତା ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉବୋଲି ଆପଣ ଚାହିଁବେ ?

■■ ଏକଥା ମୁଁ ଆଗରୁ ଅନେକବାର କହିଛି । ପୁରସ୍କାର ଗୁରୁତ୍ୱ ଗୌଣ । ସାହିତ୍ୟିକ ଉପଲବ୍ଧି ହିଁ ମହତ୍ତ୍ୱପୂର୍ଣ୍ଣ । ପେଟରେ କୃମି ଉପଦ୍ରବ କରୁଥିବା ପିଲାଟିଏକୁ ସାମୟିକ ଆଶ୍ୱସ୍ତି ପ୍ରଦାନ ପାଇଁ ଖୁଆଇ ଦିଆଯାଉଥିବା ମିଠା ଭଳି ଏସବୁ କ୍ଷଣିକ ଉଲ୍ଲାସ ଛଡ଼ା ଆଉ କିଛି ନୁହେଁ । ପୁଣି ଆଜିର ଦିନରେ କୃତି ଅପେକ୍ଷା କରାମତି, ଛତୁଫୁଟିଲା ଭଳି ଦିଆନିଆ ମାନପତ୍ରାଦି ବିତରଣ କେନ୍ଦ୍ର, କଳା-ସାହିତ୍ୟ-ସଂସ୍କୃତି ନାମରେ ବେପାରସର୍ବସ୍ୱ ଲିଟ୍‌ଫେଷ୍ଟ ଆଦିର ଆତସବାଜିଆ ଗ୍ଲାମର୍ ସୋ' ବହୁମାତ୍ରାରେ ଚାଲିଥିଲା ବେଳେ ପୁରସ୍କାରର ଭୂମିକା କଥା ମଂଚସନ୍ଧାନୀ କାରିଗର ଓ ଯୋଗାଡ଼ିଆ ପୁରସ୍କାର କାଙ୍ଗାଳମାନେ ହୁଏତ କହିପାରିବେ । ମୋର ନା ଅଛି ସେମିତି ଅନୁଭବ ନା ଯୋଗ୍ୟତା ? ଜଣେ ବାର୍ତ୍ତା ଦେବାପାଇଁ କଣ ସାହିତ୍ୟ ସର୍ଜ୍ଜନା କରେ ? ସାମାଜିକ ଘଟଣା ଦୁର୍ଘଟଣାର ସମାନ୍ତରାଳ ଚିତ୍ରକୁ ସିଏ ତା'ର ସାରସ୍ୱତ ଲେନ୍‌ସରେ ପ୍ରତିସୃତ କରାଏ ଯାହାକି ଫୋକସ ପଏଣ୍ଟରେ ଐକକୈନ୍ଦ୍ରିକ ହୋଇ ଏକ ଅଗ୍ନିଶିଖାର ରୂପ ଧାରଣା କରେ । ଏହି ଶକ୍ତିଶାଳୀ ଶିଖା-ବିନ୍ଦୁ ସକଳ ତିକ୍ତତାକୁ ପୋଡ଼ି ପାଉଁଶ କରିଦେବାର ସାମର୍ଥ୍ୟ ରଖେ । ସେଇଟିକୁ ଆପଣ ବାର୍ତ୍ତା କୁହନ୍ତୁ, ସାହିତ୍ୟର ପ୍ରଭାବ କୁହନ୍ତୁ କି ଆଉ କିଛି, ସେଥିରେ ଯାଏ ଆସେ ନାହିଁ । ସେଥିପାଇଁ ତ ମୁଁ କବି ବ୍ରଜନାଥ ରଥଙ୍କ ପରି କହେ-

ଶାଣଦିଆ ଖର ତରବାରୀ ଭଳି
କଲମ ଯଦି ମୋ'ନ ଉଠିଲା ଝଳି
ନ ରଚିଲା ଯଦି ସତ୍ୟର ବାଣୀ
ଯାହା ସେ ଭାବିଲା ଠିକ୍
ମୋର କବି ବୋଲାଇବା ଧିକ୍
ମୋର ଲେଖକ ହୋଇବା ଧିକ୍ ।

♥♥

■ ଅଳ୍ପରେ କବି ଗାଳ୍ପିକ ଉମାକାନ୍ତ ରାଉତ (ଅରୂପ)...



ଜନ୍ମ ; ୧୫-୦୫-୧୯୬୫
ପିତା : ୰ଯୋଗେନ୍ଦ୍ର ନାଥ ରାଉତ
ମାତା : ୰ ଭାବମୟୀ ଦେବୀ
ଜନ୍ମସ୍ଥାନ : ବିଜେଗଙ୍ଗାଧରପୁର (ହାତିସାହି), ମୌଦା, ଭଦ୍ରକ

ବର୍ତ୍ତମାନର ଠିକଣା : 'ଉଦୟାଚଳ'
ଡି-୩୫ , ଗ୍ରୀନ୍ ଗାର୍ଡେନ୍, କେ୯(ଏ),
କଳିଙ୍ଗବିହାର ପାତ୍ରପଡ଼ା ଭୁବନେଶ୍ୱର-୭୫୧୦୧୯
(ମୋ) -୮୨୪୯୧୦୮୪୫୨

■ ପ୍ରକାଶିତ ପୁସ୍ତକ ■

୧- ସାଇଲେନ୍ସ ପ୍ଲିଜ୍ କବି ଆସୁଛନ୍ତି (କବିତା
୨-ଏଥର ଉଠିବାର ବେଳ (କବିତା)
୩- ରଙ୍ଗାଧର, ଆଉଥରେ ଗାଆ ସେ ଗୀତ (କବିତା)
୪- ଧାଇଁ କିଡି କିଡି ଧାଇଁ କି ଧାଇଁ (ଶିଶୁ କବିତା ସଙ୍କଳନ)
୫- କବିତାଟିଏ କାହାଣୀଟିଏ ( ଶିଶୁ କବିତା)
୬- କେହିଜଣେ ଅନ୍ତରଙ୍ଗ ( ଗପବହି)
୭-ଷ୍ଟାଫ୍ ( ଗପବହି)
୮- କନକ ଗୋରୀର ବାସ୍ନା ( ଗପବହି)
୯- SIR'S SCOOTER AND OTHER STORIES ( Story Book)
୧୦- କଥା ଓ କାହାଣୀ ( ପିଲାଙ୍କ କଥୋପକଥନ ବହି)
୧୧- ଛିନ୍ ଛତ୍ରିୟା ସଂସ୍କୃତି ( ବ୍ୟଙ୍ଗ ଗଳ୍ପ)
୧୨- କବିତା ଲେଖା ମୋ ସରିନାହିଁ ( ଓଡ଼ିଆ କବିତାର ପ୍ରଥମ ଅଡିଓ ସିଡି)
୧୩- ତମେ କେବେ ଲିଭିବାର ନୁହଁ। ( ଓଡ଼ିଆ କବିତାର ଭିଡିଓ ସିଡି)
ଇତ୍ୟାଦି.....


ସୁଖୀ ପରିବାର : ପତ୍ନୀ, ପୁତ୍ର ଓ କନ୍ୟାଙ୍କ ସହ କବି ଗାଳ୍ପିକ ଉମାକାନ୍ତ ରାଉତ...


ସାହିତ୍ୟ ସଭାରେ କବି ଗାଳ୍ପିକ ଉମାକାନ୍ତ ରାଉତ...



**ଜ୍ଞାନରଞ୍ଜନ ନାୟକ**

> ମତେ କିଛି ଲୋକ ଜଣେ ଗପ ଲେଖକ ଭାବରେ ଜାଣିଲେ । ସେମାନେ ସମସ୍ତେ ମୋ ପ୍ରତି ସଦୟ ଥିଲେ ଏବଂ ସମସ୍ତେ କଥାବାର୍ତ୍ତା ବେଳେ ଅଧିକ ଗଳ୍ପ ଲେଖିବାକୁ ପ୍ରେରଣା ଦେଉଥିଲେ । ଆମେ ପରସ୍ପରର ବେଶ୍ ପ୍ରିୟ ଥିଲୁ । ସେମାନଙ୍କ ମଧ୍ୟରେ କେତୋଟି ଉଲ୍ଲେଖଯୋଗ୍ୟ ନାମ ହେଉଛି: କବିବର ପରିଡ଼ା, ଅଳକା ଚାନ୍ଦ, ଲୋପାମୁଦ୍ରା ମହାନ୍ତି, ରାଧୁ ମିଶ୍ର, ସଦାନନ୍ଦ ତ୍ରିପାଠୀ, ରଣଜିତ ପଟ୍ଟନାୟକ, ଶ୍ରୀଚନ୍ଦନ, ରାଜୀବ ପାଣି, ବିଷ୍ଣୁପ୍ରିୟା ମହାପାତ୍ର, ସୁଷମା ମହାପାତ୍ର, ମହାପାତ୍ର ଯତୀନ୍ଦ୍ର କୁମାର, ସ୍ୱର୍ଣ୍ଣ ଦେବୀ, ଅଶୋକ ମହାପାତ୍ର, ମୋନାଲିସା ମିଶ୍ର, ଭୁପେନ ମହାପାତ୍ର ଏବଂ ତ୍ରିନାଥ ସିଂ ପ୍ରମୁଖ ।

## ପ୍ରିୟ ପାଠକ-୩୨

# ପାଠକମାନେ ପ୍ରିୟରୁ ଅପ୍ରିୟ, ଅପ୍ରିୟରୁ ପ୍ରିୟ ହେଇ ଚାଲନ୍ତୁ...

> ଅନିୟମିତ ପଛେ ହୁଅନ୍ତୁ, ଗପକୁ ନେଇ ଗମାତ କରନ୍ତୁ କି ଖୁସି ହୁଅନ୍ତୁ , ବିରକ୍ତି କରନ୍ତୁ କି ଉତ୍ସାହ ଦିଅନ୍ତୁ- ଏମାନେ ମୋର ପାଠକ ଏବଂ ମୋର ପ୍ରିୟ ପାଠକ । ଏମାନଙ୍କ ପ୍ରତିକ୍ରିୟା ବିନା ହୁଏତ ଲେଖା ଧ୍ୱମେଇ ଯାଆନ୍ତା ।

ପାଖାପାଖି ଚାଳିଶ ବର୍ଷ ହେବ ମୁଁ ଗଳ୍ପ ଲେଖି ଆସୁଅଛି । କେତେ ବର୍ଷ ହେଲା ମୁଁ ଉପନ୍ୟାସ ବି ଲେଖିଲିଣି । ଏଥି ଭିତରେ ମୋର ତିନୋଟି ଗଳ୍ପ ସଂକଳନ ଏବଂ ତିନୋଟି ଉପନ୍ୟାସ ପୁସ୍ତକ ମଧ୍ୟ ପ୍ରକାଶ ପାଇସାରିଛି । ଆଉ ଯେତିକି ଗଳ୍ପ ମୋ ପାଖରେ ରହିଛି, ସେସବୁ ଏକତ୍ର କଲେ ଆଉ ଦୁଇଟି ଗଳ୍ପ ସଂକଳନ ହେବାରେ ବି ଅସୁବିଧା ନାହିଁ । ଏତଦ୍ ଭିନ୍ନ ରାଜ୍ୟର ପ୍ରମୁଖ ପତ୍ରପତ୍ରିକାରେ ବର୍ଷକୁ ମୁଁ କେତେଟି ଗଳ୍ପ ମଧ୍ୟ ଲେଖିଥାଏ । ଏସବୁ ସତ୍ତ୍ୱେ ମୋର କେହି ନିର୍ଦ୍ଦିଷ୍ଟ ପାଠକ ସୃଷ୍ଟି କରିବାରେ ମୁଁ ଅକ୍ଷମ ରହି ଆସିଛି। ନିର୍ଦ୍ଦିଷ୍ଟ ପାଠକ ସୃଷ୍ଟି ନକରି ପାରିଲେ ପ୍ରିୟ ପାଠକ ବା କେମିତି ହୋଇ ପାରିବେ, ଯିଏ ଆପଣଙ୍କ ଲେଖା ପଢ଼ିବାକୁ ପାଗଳ ହେଉଥିବେ, ନିୟମିତ ଆପଣଙ୍କ ସଂପର୍କରେ ଥିବେ, ଆପଣଙ୍କୁ ଭେଟିବାକୁ ପାଗଳ ହେଉଥିବେ ଇତ୍ୟାଦି । ମୋର ଦୁର୍ଭାଗ୍ୟ ମୁଁ କାହାରି ପାଇଁ ସେମିତି ପ୍ରିୟ ଲେଖକଟିଏ ହୋଇ ପାରିନି । ତେବେ ପ୍ରତ୍ୟେକଥର ମୁଁ ଗଳ୍ପ ଲେଖି କାହାକୁ ଶୁଣେଇବା ବେଳେ ବା ଗପଟି କେଉଁଠି ପ୍ରକାଶ ପାଇବା ପରେ ନିଶ୍ଚିତ ଭାବରେ କିଛି ପ୍ରତିକ୍ରିୟା ମୁଁ ନିଶ୍ଚୟ ପାଇଥାଏ । କେବେ କେବେ ସେ ପ୍ରତିକ୍ରିୟା ମତେ ହତୋତ୍ସାହ କରିଥାଏ, ବିରକ୍ତ କରିଥାଏ, ଆଶ୍ଚର୍ଯ୍ୟ କରିଥାଏ ପୁଣି କେବେ ଉତ୍ସାହର କାରଣ ବି ପାଲଟିଥାଏ । ଏବେ ସେସବୁକୁ ମନେ ପକାଇଲେ ମତେ କେବଳ ଖୁସି ଖୁସି ଲାଗେ । ସେମାନେ ସମସ୍ତେ ମୋର ଶ୍ରୋତା ଏବଂ ପାଠକ। ଏବେ ସମସ୍ତେ ମୋର ପ୍ରିୟ । ସେଇମାନଙ୍କ ବିଷୟରେ ପର୍ଯ୍ୟାୟ କ୍ରମେ କହୁଛି।

୧) ସ୍କୁଲ ବେଳର କଥା:

ଷଷ୍ଠ ଶ୍ରେଣୀରୁ ମୁଁ ଲେଖାଲେଖି କରିବାକୁ ମନ ବଳାଇ କିଛି କିଛି ଲେଖିବା ଆରମ୍ଭ କଲି । ପ୍ରଥମେ କବିତା ତା' ପରେ ନାଟକ ଏବଂ ଶେଷରେ ଗପ । ପ୍ରଥମ କବିତାଟି ଷଷ୍ଠ ଶ୍ରେଣୀରେ ମୋ ସହିତ ଆଗଧାଡ଼ିରେ ବସିଥିବା ସାଙ୍ଗମାନଙ୍କୁ ଶୁଣେଇଲି । ମୋର ବିଶ୍ୱାସ ଥିଲା, ସେମାନେ ଖୁସି ହେବେ ଆଉ ମୁଁ ଏତିକି ଲେଖି ପାରିଲି ବୋଲି ମୋତେ ସ୍ୱତନ୍ତ୍ର ବୋଲି ବିଚାର କରିବେ । ମାତ୍ର କବିତାଟି ପାଠ କରିସାରି ସେମାନଙ୍କ ମୁହଁକୁ ଚାହିଁଲା ବେଳକୁ ସେମାନଙ୍କ ମୁହଁ କଳା କାଠ ହୋଇ ସାରିଥିଲା, ସେମାନେ କିଛି ପ୍ରତିକ୍ରିୟା ନଦେଇ ମୋଠାରୁ ଦୂରେଇ ଶ୍ରେଣୀଗୃହରୁ ବାହାରି ପଡ଼ିଆ ଆଡ଼େ ଚାଲିଗଲେ। ମୁଁ ଅସହାୟ ହୋଇଯାଇ ସେମାନଙ୍କ ପଛେ ପଛେ ଯାଉଥିବା ବେଳେ ଜଣେ ଅନ୍ୟ ଜଣଙ୍କୁ ଉପଲକ୍ଷ୍ୟ କରି କହୁଥିବା ଶୁଣିଲି: 'ଫୁଟାଣିଆ' !

ମୋ ଖୁସି ପାଣି ଫାଟିଗଲା, ମୋ ମୁହଁ ବି କଳାକାଠ ପରି ଦିଶିଲା ।

ମୋ ଭିତରେ କିନ୍ତୁ କିଛି ଲେଖିଯିବା ପାଇଁ ଉଦ୍ଦାମତା ଥିଲା । ମୁଁ ଲେଖି ଚାଲିଲି । ରାତିରେ ଶୋଇବା ପୂର୍ବରୁ ସାନଭାଇକୁ ଶୁଣାଏ । ମୋ ଗପ ଶେଷ ହେବା ପୂର୍ବରୁ ସେ ପ୍ରାୟତଃ ଶୋଇ ସାରିଥାଏ ।

ଏମିତି ଏମିତିରେ ମୁଁ ଦଶମ ଶ୍ରେଣୀରେ ପଢ଼ିଲା ବେଳକୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଆମ ଗାଁର ଝିଅଟେ ମତେ ଥରେ ରାସ୍ତାରେ ପଚାରିଲା; ଜ୍ଞାନଭାଇ, ତମେ ଗପ ଲେଖୁଛ।'

ମୁଁ ଲାଜେଇ ଯାଇ ଉତ୍ତର ଦେଲି: 'ହଁ' ।

କାଖରେ ପାଣି କଳସୀଟେ ଧରି ନିଜ ଘରକୁ ଫେରୁଥିବା ସେଇ ଝିଅଟି ଗୋଟେ ଗଳ୍ପର ନାୟିକା ପରି ମତେ ନିମନ୍ତ୍ରଣ କଲା: 'ଆଜି ତମର ଗପଟେ ନେଇ ଆମ ଘରକୁ ଆସିବ ତ ସନ୍ଧ୍ୟାବେଳେ, ଶୁଣିବା ।'

ତାଙ୍କ ପରବାର ସହିତ ଆମ ପରିବାରର ଗୋଟେ ସୁସ୍ଥ ଏବଂ ସାବଲୀଳ ସମ୍ପର୍କ ଥିଲା । ତେଣୁ ତାର ନିମନ୍ତ୍ରଣ ରକ୍ଷାକରି ଗପଟେ ନେଇ ତାଙ୍କ ଘରେ ପହଞ୍ଚିଗଲି ।

ତାର ବୋଉ, ସାନବୋଉ ଏବଂ ଅନ୍ୟ ଭଉଣୀ ମାନଙ୍କ ଉପସ୍ଥିତିରେ ମୁଁ ଗଳ୍ପପାଠ କଲି। ଜୀବନସାରା ପାଠବହି ଛାଡ଼ି ଅନ୍ୟ କେଉଁଠି ଗଳ୍ପ ପଢ଼ି ନଥିବା ଅଥବା ଭାଗିରଥୀ ଦାସଙ୍କ ଉପନ୍ୟାସରେ ସୀମିତ ଥିବା ମୋର ନୂଆ ପାଠକ (ଶ୍ରୋତା) କେଇଜଣ ମୋ ଗପକୁ ବେଶ୍ ପ୍ରଶଂସା କଲେ ।

ଚା' ପିଇ, ମୁଢ଼ି ଖାଇ ତାଙ୍କ ଘରୁ ଫେରିବା ବେଳେ ସେ ଝିଅଟି ମତେ କହିଲା, 'ଜ୍ଞାନ ଭାଇ ! ସେ ଗପଟି ଥୋଇ ଦେ ଯା' । ମୁଁ ଏଇ ରାତିରେ ଆଉ ଥରେ ପଢ଼ି ତମକୁ କାଲି ଫେରାଇବି ।

ଏଥର ସେ ଝିଅଟି ପାଖରୁ ୱାଃ ୱା ପାଇବା ଲୋଭରେ ମୁଁ ଅଧିକରୁ ଅଧିକ ଗପ ଲେଖିଲି । ପ୍ରତ୍ୟେକ ଥର ତାକୁ ଗପ ଶୁଣେଇ ସାରିବା ପରେ ସେ କହେ; 'ଜ୍ଞାନ ଭାଇ ! ଗପଟି ଦେଇ ଦେଇ ଯା', ମୁଁ ରାତିରେ ଆଉ ଥରେ ପଢ଼ିବି ।'

ବିଧିବଦ୍ଧ ଭାବରେ ମୋ ଗପର ପ୍ରଥମ ପାଠକ ହେଉଛି ସେଇ ଝିଅଟି ଯାହାର ନାମ ହେଉଛି; କବିତା । 'ପୁରା ନାମ କବିତା କୁମାରୀ ଧଳ ।'

୨) କଲେଜ ବେଳର କଥା:

ମୁଁ ଏତେ ଗପ ଲେଖୁଥିଲି ସିନା କିନ୍ତୁ କଉଠି ତା' ପ୍ରକାଶ ପାଇ ନଥିଲା । କଉଠିକୁ ପ୍ରକାଶ ପାଇଁ ମୁଁ ସେ ଗୁଡ଼ିକୁ ପଠାଇ ନଥିଲି । ପଠାଇବାର ଉପାୟ ବି ମତେ ଜଣା ନଥିଲା । କବିତାର ଉତ୍ସାହ ପାଇଁ ମୁଁ ଯାହା ଲେଖି ଚାଲିଥିଲି ଗୋଟିଏ ପରେ ଗୋଟି ଗପ ।

ମାଟ୍ରିକ ପାଶ୍ କରି ଅଧିକ ପଢ଼ିବା ପାଇଁ ରାଉରକେଲା ଚାଲିଗଲି ଭାଇଙ୍କ ପାଖକୁ । ଗାଁ ଏବଂ କବିତା ରହିଗଲେ ପାଞ୍ଚଶ କି.ମି ଦୂରରେ । ବିଜ୍ଞାନ ଛାତ୍ର ଭାବରେ କଲେଜରେ ନାମ ଲେଖାଇଲି । ନୂଆ ପରିବେଶ, ନୂଆ ବନ୍ଧୁ ଏବଂ କବିତାର ଅନୁପସ୍ଥିତି ମତେ ଗପ ଲେଖାଠାରୁ କିଛିଦିନ ଦୂରରେ ରଖିଲା । ମାତ୍ର ଯେତେବେଳେ ପ୍ରଥମ ଗପଟି ଲେଖିଲି, ତାକୁ ସଜଡ଼ା ସଜାଡ଼ି କରି ରାଉରକେଲାରୁ ପ୍ରକାଶ ପାଉଥିବା ତ୍ରୈମାସିକ ପତ୍ରିକା 'ନବପତ୍ର'କୁ ପଠାଇ ଦେଲି ।

ଗପଟିକୁ ଡାକ ଯୋଗେ ପଠାଇବାର ମାତ୍ର ପନ୍ଦରଦିନ ଭିତରେ ସମ୍ପାଦକଙ୍କ ପାଖରୁ ପୋଷ୍ଟକାର୍ଡ ଚିଠିଟେ ପାଇଲି । ସମ୍ପାଦକ ଥିଲେ ବରିଷ୍ଠ ସାହିତ୍ୟିକ : ରଜନୀକାନ୍ତ ଦାଶ । ରଜନୀକାନ୍ତ ବାବୁ ମୋର ଆଉ କେତୋଟି ଗଳ୍ପ ସେଇ ପତ୍ରିକାରେ ଛାପିଥିଲେ । ପ୍ରତ୍ୟେକଥର ସେ ମତେ ପୋଷ୍ଟକାର୍ଡ ପଠାଇ ଆହୁରି ଗଳ୍ପ ଲେଖିବାକୁ ଉତ୍ସାହ ଦେଉଥିଲେ । ସମ୍ଭବତଃ ସେ ମୋର ଦ୍ୱିତୀୟ ପାଠକ । ମୁଁ +୨ ବିଜ୍ଞାନ ପାଶ କରୁ କରୁ ରଜନୀକାନ୍ତ ବାବୁ ଇହଧାମ ତ୍ୟାଗକଲେ।

ଯା' ଭିତରେ 'ମହାବୀର ସାଂସ୍କୃତିକ ଅନୁଷ୍ଠାନ' ଭବାନୀପାଟଣା, ଦ୍ୱାରା ଆୟୋଜିତ ଏକ ଗଳ୍ପ ପତ୍ରିକାରେ ଭାଗନେଇ ମୁଁ ରାଜ୍ୟସ୍ତରରେ ପ୍ରଥମ ହେଲି । ଖବର କାଗଜରୁ ଏକଥା ଜାଣି ବରିଷ୍ଠ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଏବଂ ସ୍ୱସ୍ତି ସାହିତ୍ୟ ସଂସଦର ସଂପାଦକ କବି ରାଜୀବ ପାଣି ମତେ ସ୍ୱସ୍ତିର ସଭ୍ୟ କରାଇଲେ ଏବଂ ନିୟମିତ ବ୍ୟବଧାନରେ ସ୍ୱସ୍ତି ମଞ୍ଚରେ ଗଳ୍ପ ପଢ଼ିବାର ସୁଯୋଗ ଦେଲେ । 'ସ୍ୱସ୍ତି'ର କେତେଟି ସଂଖ୍ୟାରେ ମୋର ଗଳ୍ପ ମଧ୍ୟ ପ୍ରକାଶିତ ହେଲା । ସାହିତ୍ୟିକ ମହଲରେ ମୁଁ ବେଶ୍ ପରିଚିତ ହେଇଗଲି । ତା' ବାଦ୍ ବାହାରେ ମଧ ମତେ କିଛି ଲୋକ ଜଣେ ଗପ ଲେଖକ ଭାବରେ ଜାଣିଲେ । ସେମାନେ ସମସ୍ତେ ମୋ ପ୍ରତି ସଦୟ ଥିଲେ ଏବଂ ସମସ୍ତେ କଥାବାର୍ତ୍ତା ବେଳେ ଅଧିକ ଗଳ୍ପ ଲେଖିବାକୁ ପ୍ରେରଣା ଦେଉଥିଲେ । ଆମେ ପରସ୍ପରର ବେଶ୍ ପ୍ରିୟ ଥିଲୁ । ସେମାନଙ୍କ ମଧ୍ୟରେ କେତୋଟି ଉଲ୍ଲେଖଯୋଗ୍ୟ ନାମ ହେଉଛି: କବିବର ପରିଡ଼ା, ଅଳକା ଚାନ୍ଦ, ଲୋପାମୁଦ୍ରା ମହାନ୍ତି, ରାଧୁ ମିଶ୍ର, ସଦାନନ୍ଦ ତ୍ରିପାଠୀ, ରଣଜିତ ପଟ୍ଟନାୟକ, ଶ୍ରୀଚନ୍ଦନ, ରାଜୀବ ପାଣି, ବିଷ୍ଣୁପ୍ରିୟା ମହାପାତ୍ର, ସୁଷମା ମହାପାତ୍ର, ମହାପାତ୍ର ଯତୀନ୍ଦ୍ର କୁମାର, ସ୍ୱର୍ଣ୍ଣ ଦେବୀ, ଅଶୋକ ମହାପାତ୍ର, ମୋନାଲିସା ମିଶ୍ର, ଭୁପେନ ମହାପାତ୍ର ଏବଂ ତ୍ରିନାଥ ସିଂ ପ୍ରମୁଖ ।

୩) ପାଠପଢ଼ାର ପରବର୍ତ୍ତୀ ଜୀବନ:

ଚାକିରୀ ଦାୟରେ ଇତଃସ୍ତତ ହେବା ପରେ ଏବଂ କମ୍ପାନୀ ଛାଡ଼ି କଲେଜରେ ଯୋଗ ଦେବା ନିଷ୍ପତ୍ତି ପରେ ମୁଁ ବେଶ୍ କିଛି ବର୍ଷ ଭୁବନେଶ୍ୱରରେ ସ୍ଥିର ହେଇଗଲି । ଏଇଠାରୁ ମୋର ଗପ, ଝଙ୍କାର, କଥା, ନବଲିପି, ଅମୃତାୟନ, କାଦମ୍ବିନୀ ପ୍ରଭୃତି ନିୟମିତ ଏବଂ କେତେକ ସାମୟିକ ଅଥବା ଅନିୟମିତ ପତ୍ରିକାମାନଙ୍କରେ ପ୍ରକାଶ ପାଇଲା । ଏପରିକି ଖବର କାଗଜ ଯଥା ସମାଜ, ସମ୍ବାଦ, ପ୍ରମେୟ ପ୍ରମୁଖ ସାହିତ୍ୟ ପୃଷ୍ଠାରେ ମଧ ସ୍ଥାନିତ ହେଲା ।

ଏପରି ହେବା ଦ୍ୱାରା ସାରା ଓଡ଼ିଶାରୁ ଏବଂ ଓଡ଼ିଶା ବାହାରୁ ମଧ ପ୍ରଥମେ ଚିଠି ମାଧ୍ୟମରେ ପରେ ପରେ ଫୋନ୍ ମାଧ୍ୟମରେ ପ୍ରତିକ୍ରିୟା ପାଇଲି । କିନ୍ତୁ ପୂର୍ବପରି କେହି ଜଣେ ବି ହେଲେ ପାଠକ ମୋତେ ନିୟମିତ ତାଙ୍କର ମତାମତ ଜଣାଇ ନଥିଲେ । ଥରେ ଜଣେ କିଏ କେଉଁଠି ଗପଟିଏ ପଢ଼ି ଫୋନ୍ କଲା ତ ତା' ପରେ ସେ ସମ୍ପୂର୍ଣ୍ଣ ଚୁପ୍ ହୋଇଗଲା । ଏଇ ଅନିୟମିତ ପାଠକମାନେ କଣ ପ୍ରିୟ ପାଠକଙ୍କ ଭିତରେ ଆସିବେ ! ହା----- ହାଃ.. !

ତେବେ ଏଇ ସମୟରେ କିଛି ପାଠକୀୟ ମତାମତ ପ୍ରଣିଧାନ ଯୋଗ୍ୟ ନିଶ୍ଚୟ ।

ଯେମିତି ହଠାତ୍ ଦିନେ କେହି ଜଣେ ସାଙ୍ଗ କିମ୍ବା ପରିଚିତ ବ୍ୟକ୍ତି କଉଠି ପତ୍ରିକାରେ ଗପଟିଏ ଦେଖି ଫୋନ୍ କରିବେ: 'ଆରେ ! ତୋ ଗପ ଆଜି ଝଙ୍କାରରେ ଦେଖିଲି ।'

ମୁଁ ଉତ୍ସାହିତ ହେଇ ପଚାରିବି, 'କେମିତି ଲାଗିଲା ? ଭଲ ହେଇଛି ତ' !

ସେ କହିଲେ: 'ହେ' ସେ ସବୁ ଗପ ଫପ ପଢ଼ିବାକୁ ମୋର ସମୟ କାହିଁ ! ମୁଁ କହୁଥିଲି କଣ କି ମୋ ସାନ ଝିଅ ଅଷ୍ଟମରେ ପଢୁଛି, ତାର କଣ କାଲି ଡିବେଟ୍ ଅଛି, ତୁ ତ ଲେଖାଲେଖି କରୁଚୁ ତା' ପାଇଁ ଟିକେ ଭଲ କି ଲେଖି ଦିଅନ୍ତୁନି !

ମୁଁ ଅବା ହସିବି ନା କାନ୍ଦିବି ।

ପୁଣି କିଏ ଦିନେ ଗପ ବାହାରିଥିବା ପତ୍ରିକାରୁ ମୋବାଇଲ ନମ୍ବର ପାଇ ଫୋନ କରିବ: ଆଜି 'କଥା'ରେ ଆପଣ ଲେଖା ଦେଖିଲି ।'

ଖୁସି ହେଇ ମୁଁ ପଚାରିବି: 'ଆପଣଙ୍କ ପରିଚୟ ! କଉଠୁ କଉଛନ୍ତି ଆପଣ ?'

ଉତ୍ତର ଆସିବେ: 'ମୁଁ କଟକ ମେଡିକାଲରୁ କଉଛି । ମୋ ଝିଅକୁ କ୍ୟାନସର । ମୁଁ ଗରିବ ଲୋକ ଆଜ୍ଞା । ଆପଣ ତ ଏତେ ବଡ଼ ଲୋକ କିଛି ଆର୍ଥିକ ସାହାଯ୍ୟ କରନ୍ତେନି !'

ମତେ ପୃଥିବୀ ଅନ୍ଧାର ଦିଶେ ସେତେବେଳେ।

ପୁଣି କିଏ କଉଠି ଭେଟ ହୋଇଯିବ । କଥାରେ କୌଣସି ମୋଡ଼ରେ କହିବ : 'ଆରେ ତୋର ଗୋଟେ ଗଳ୍ପ କଉଠି ପଢ଼ିଥିଲି... ।'

ମୁଁ ପଚାରିବି: 'କଉଠି ?'

ସେ କହିବେ: 'ଆଉ କଣ ମନେ ଅଛି । ନିଜ ଜଞ୍ଜାଳ ତ ସମ୍ଭାଳି ହଉନି ଆଉ କଉଠି ପଢ଼ିଥିଲି କେମିତି ମନେ ରଖିବି ।'

ମତେ ଟିକେ ଅପ୍ରସ୍ତୁତ ଲାଗିବ । ମୁଁ ସ୍ଥିର ହେବାକୁ ଚେଷ୍ଟା କରିବି ।

ସାମ୍ନା ଲୋକ ପୁଣି କହିବ : 'ମୁଁ କଲେଜ ପଢୁଥିଲା ବେଳେ ଢ଼େର ଲେଖୁଥିଲି । ପେଟି ପେଟି ଡାଇରୀ ଭର୍ତ୍ତି ମୋ ଲେଖା ସବୁ ଥିଲା, ତା' ପରେ କୁଆଡ଼େ ଗଲା କେଜାଣି ।'

ଭଦ୍ର ଲୋକ ହାଇ ମାରିବେ । ମୋ ଲେଖା ପଢ଼ିଛନ୍ତି ବୋଲି କହି ଯେଉଁ ଭୁଲ କରିଛନ୍ତି ତାର ପ୍ରାୟଶ୍ଚିତ ପାଇଁ କହିବେ ! ହେଇ, ଏ ଲେଖାଲେଖିରୁ ପଇସା ମିଳୁଚି ନା ହାତରୁ ଖାଇ ଘୋଡ଼ା ଆଗରେ ଡେଉଁଚ !

ଇଚ୍ଛା ହବ ନିଜ ମୁଣ୍ଡକୁ ନିଜେ ଫଟେଇ ଦେବାକୁ ।

ପୁଣି କିଏ ପତ୍ରିକାରୁ ଟୋକାବେଳର ଭଲ ଫଟୋ ଦେଖି, ଜାତି ମିଳାଇ ବାହାଘର କଥା ବି ଉଠାଏ ।

ଏସବୁ ବାଦ୍ କିଛି ନିର୍ଭେଜାଲ ପାଠକ ଥାଆନ୍ତି । ସେମାନେ ଥରଟେ ହେଉ ପଛେ ବି ଫୋନ୍‌ରେ କଥାବାର୍ତ୍ତା ମାଧ୍ୟମରେ ପ୍ରେରଣାର ମଜବୁତ ଉତ୍ସ ବି ପାଲଟି ଯାଆନ୍ତି ।

'କଥା'ରୁ ଗଳ୍ପଟିଏ ପଢ଼ି ଭୁବନେଶ୍ୱର ଦୁଇ ନମ୍ବର ମାର୍କେଟରୁ ଫାଷ୍ଟଫୁଡ ଦୋକାନ କରିଥିବା ଭାଇ ଜଣେ ଫୋନ କରି ସୁଦୀର୍ଘ ସୁନ୍ଦର ମତାମତ ଜଣେଇଲେ । ତାଙ୍କ ଦୋକାନକୁ ଗଲେ ତାଙ୍କର ପ୍ରିୟ ଲେଖକ ଭାବରେ ଖାଇବାକୁ ଦେବାକୁ ନିମନ୍ତ୍ରଣ ବି କଲେ। ପର ମାସରେ କଥାର ମତାମତ ବିଭାଗରେ ମୋ ଗପକୁ ପ୍ରଶଂସା କରି ପୁଣି ଫୋନ କରି କହିଲେ ! 'ମୋ ପସନ୍ଦ ଜମା ଏଣୁତେଣୁ ନୁହେଁ ଦେଖନ୍ତୁ କେତେ ପାଠକ ଆପଣଙ୍କ ଗଳ୍ପକୁ ପ୍ରଶଂସା କରିଛନ୍ତି ।'



### ପ୍ରିୟ ପାଠକ

ସେମିତି ଯାଜପୁରରୁ ଆଉ ଜଣେ କଲେଜ ଛାତ୍ର, ଗଣେଶ ପୂଜା ପାଇଁ, ପୂର୍ବ ରାତିରେ ପୂଜାମଞ୍ଚ ସଜାସଜି କରୁଥିବା ବେଳେ ଆଠବର୍ଷ ତଳର 'ସମାଜ' ପୃଷ୍ଠାରୁ ଗପଟି ପଢ଼ି ସେଇ ରାତିରେ ମତେ ଫୋନକରି ଚମକୃତ କରିଦେଇଥିଲେ ।

ଏମାନେ ଅନିୟମିତ ପଛେ ହୁଅନ୍ତୁ, ଗପକୁ ନେଇ ଗମାତ କରନ୍ତୁ କି ଖୁସି ହୁଅନ୍ତୁ , ବିରକ୍ତି କରନ୍ତୁ କି ଉତ୍ସାହ ଦିଅନ୍ତୁ- ଏମାନେ ମୋର ପାଠକ ଏବଂ ମୋର ପ୍ରିୟ ପାଠକ । ଏମାନଙ୍କ ପ୍ରତିକ୍ରିୟା ବିନା ହୁଏତ ଲେଖା ଧ୍ୱମେଇ ଯାଆନ୍ତା । ଅଥବା ସବୁଦିନ ପାଇଁ ବନ୍ଦ ହୋଇ ଯାଆନ୍ତା । ଏଇ ଲେଖାଲେଖି ପାଇଁ ତ ମଞ୍ଚ ବି ମିଳେ, ଲୋକ ସମ୍ମାନ କରନ୍ତି । ଉପଢ଼ୌକନ ବି ଦିଅନ୍ତି ।

ଏଇ ତ ଏବେକାର କଥା, କବିତା ଶିକ୍ଷକତା କରୁଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଁ ଅତିଥି ଥିଲି । ବହୁତ ଦିନ ପରେ ଦେଖା ହେବାରୁ ବେଶ୍ ଆଗ୍ରହରେ ଆମେ ଦୁହେଁ କଥାବାର୍ତ୍ତା ହେଲୁ ।

କବିତା ପଚାରିଲା, 'ତମ ଲେଖାଲେଖି କେମିତି ଚାଲିଛି ?'

ମୋ ବ୍ୟାଗରୁ କାଢ଼ି ତା' ହାତକୁ ମୋର ଗଳ୍ପ ବହିଟି ବଢ଼େଇ ଦେବା ବେଳେ ସେ ପଛକୁ ହଟିଯାଇ କହିଲା; ଥାଉ ଥାଉ, ତାକୁ ଆଉ କାହାକୁ ଦେଇଦେବ; ମୋର ପଢ଼ିବାକୁ ବେଳ କାହିଁ ।

ଏବେ କୁହନ୍ତୁ : କିଏ ମୋର ପ୍ରିୟ ପାଠକ !

ସବୁ କିଛି ଗତିଶୀଳ, ପରିବର୍ତ୍ତନଶୀଳ; ପାଠକମାନେ ପ୍ରିୟରୁ ଅପ୍ରିୟ, ଅପ୍ରିୟରୁ ପ୍ରିୟ ହେଇ ଚାଲନ୍ତୁ । କାହାକୁ ଦୂରେଇ ଦେବି ? କାହାକୁ ନିଜର କରିବି ?

ଦୂର ପାଖ ନିର୍ବିଶେଷରେ ମୋର ସବୁ ପାଠକ ମୋର ପ୍ରିୟ ପାଠକ ।

ଆୟତପୁର, ଆଳି,
କେନ୍ଦ୍ରାପଡ଼ା-୭୫୪୨୩୯
ମୋ: ୯୯୩୮୬୭୩୨୧

# ଅନୁଭୂତିରୁ ଫର୍ଦ୍ଦେ

## ଡ.ସଙ୍ଗୀତା ନାଏକ ପୁରୋହିତ



ଗଳ୍ପଜିରେ ଶାବ୍ଦିକ ଅର୍ଥ ଶ୍ରେଷ୍ଠନୀତି ବୋଲି କୁହାଗଲେ ବି ଏହାର ବହୁ ଉପରେ ଥାଏ ଆଦର୍ଶ ଶିକ୍ଷକର ନୀତି । ତେଣୁ ଆମେ ଏହାକୁ ଶ୍ରେଷ୍ଠତମ ନୀତି ବୋଲି କହିପାରିବା, ପିଲାଟି ଦିନରୁ ସେ ଭାବି ନେଇଥିଲା ବରଂ ଏକରକମ ନିଷ୍ପତ୍ତି ନେଇ ଯାଇଥିଲା ଶିକ୍ଷା କ୍ଷେତ୍ରକୁ ହିଁ ସେ ବାଛି ନେବ ତା'ର କର୍ମକ୍ଷେତ୍ର ରୂପେ, ବୃତ୍ତି ରୂପେ । ପ୍ରବୃତ୍ତି ତ ତା'ର ସାହିତ୍ୟ ସର୍ଜନ ଥିଲା । ତେଣୁ ସାହିତ୍ୟ ଶିକ୍ଷକ ହେବା ଥିଲା ତା'ର ଜୀବନର ଲକ୍ଷ୍ୟ । ଲକ୍ଷ୍ୟ ପୂରଣ ହେଲା, ଶିକ୍ଷକତାରୁ ତା'ର ଚାକିରି ଜୀବନ ଆରମ୍ଭ ହୋଇ ଅବସର ବେଳକୁ ସେ ପରିଣତ ହୋଇ ସାରିଥିଲା ଜଣେ ଛାତ୍ରବତ୍ସଳ ଅଧ୍ୟାପିକା ରୂପେ । ଚାକିରି ଜୀବନରେ ପରିବାର ପ୍ରତି ଟିକିଏ ଅବହେଳା କରିଥିବାର ଗ୍ଲାନି ତା'କୁ ବିଚଳିତ କରିଥିବାରୁ ଅବସର ପରେ ସେ ସ୍ଥିର କରି ନେଇଥିଲା ବଳକା ଜୀବନକୁ ଉତ୍ସର୍ଗ କରିଦେବ ତା'ର ବନ୍ଧୁକୁଟୁମ୍ବ ପାଇଁ । ମାତ୍ର ଜୀବନର ଗତି ସବୁବେଳେ ପୂର୍ବ ନିର୍ଦ୍ଧାରିତ । ଏକ ପାରିବାରିକ କର୍ତ୍ତବ୍ୟ ସମ୍ପାଦନାରେ ମାଉଣ୍ଟଆବୁରେ ଥିବା ବେଳକୁ ଜଣେ ସୁହୃଦ ବନ୍ଧୁର ଅନୁରୋଧକୁ ଏଡ଼ି ଦେଇ ନ ପାରି ଅନଲାଇନ୍ ଇଣ୍ଟରଭ୍ୟୁ ଜରିଆରେ ସେ ପୁଣି ଥରେ ଯୋଗଦାନ କରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କର୍ମଚାରୀ ଭାବେ ।

ଅର୍ଥ ଅନର୍ଥର ମୂଳ କାରଣ । ସରକାରଙ୍କ ଅନୁମୋଦନ ନୀତି ଅନୁଯାୟୀ ସେ ପେନସନରୁ ବଂଚିତ ଥିବାରୁ ଭାବି ନେଲା ଯେ ଏ ଚାକିରିଟି ବୋଧହୁଏ ଏକ ପ୍ରକାର ସୁଯୋଗ । ତେଣୁ ମଧ ସେ ଅନିଚ୍ଛା ସତ୍ତ୍ୱେ ତା'ର ପ୍ରିୟ ଶିକ୍ଷା କ୍ଷେତ୍ରକୁ କିଛି ସେବା କରି ବଳକା ଜୀବନକୁ ମଧ୍ୟ ଧନ୍ୟ କରିବା ପାଇଁ ଯୋଗଦାନ କଲା ସେ ଚାକିରିରେ । ପିଢ଼ି ବ୍ୟବଧାନ ଯୋଗୁଁ ପୂର୍ବରୁ କାର୍ଯ୍ୟରତ ଏ ବିଶ୍ୱ ବିଦ୍ୟାଳୟର ଯୁବଗୋଷ୍ଠୀ କିନ୍ତୁ ସେମାନଙ୍କୁ ଏକ ଭିନ୍ନ ନଜରରେ ଦେଖୁଥିଲେ । ମନ ଭିତରେ ତାଙ୍କର ଏମାନଙ୍କ ପାଇଁ ବିଦ୍ୱେଷ କୁହୁଳୁଥିଲା, ହେଲେ ବାହାରକୁ କିଛି ପ୍ରକାଶ କରୁ ନଥିଲେ । ଏଭଳି ଏକ ବିଷମ ପରିବେଶରେ କାର୍ଯ୍ୟାଳୟ ଚାଲିଥାଏ ସମୟ ସହିତ ତାଳ ମିଶାଇ।

ପରିବର୍ତ୍ତନ ତ ସଂସାରର ନିୟମ । କୁଳ ସଚିବଙ୍କ ଅବସର ପରେ ବିତ୍ତ ଅଧିକାରୀ ନିଜ ପଦବୀ ସହ କାର୍ଯ୍ୟକାରୀ କୁଳ ସଚିବର ଦାୟିତ୍ୱ ନିର୍ବାହ କଲେ । ନୂଆ କୁଳସଚିବ ଯୋଗ ଦେବାର କୌଣସି ସୂଚନା ନ ମିଳିବା ବେଳେ କୁଳପତିଙ୍କର କାର୍ଯ୍ୟକାଳ ମଧ୍ୟ ସରି ଆସୁଥାଏ । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶା ରାଜ୍ୟ ନବୀନ ସରକାରଙ୍କ ପାଖରୁ ପ୍ରସ୍ତାବ ଆସେ । ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର । ଉକ୍ତ ପ୍ରସ୍ତାବ ଅନୁଯାୟୀ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପ୍ରଯୋଜନାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି, ଅନୁଷ୍ଠାନର ଓଡ଼ିଆ ବିଭାଗୀୟ କାର୍ଯ୍ୟକାରୀ ମୁଖ୍ୟ ଭାବେ ତାଙ୍କୁ କାର୍ଯ୍ୟ ଭାର ସମର୍ପି ଦେଲେ । ଅନୁଭୂତି ବିହୀନ ଏକ ନୂଆ କାର୍ଯ୍ୟ । ମନରେ ଅନେକ ଉତ୍ସାହ । ମୋ' ଭାଷା ସାହିତ୍ୟ ସେବାର ଏକ ନୂଆ ଦିଗ, ମନେ ମନେ ଭାରି ଖୁସି ହେଉଥିଲା ସେ, ରାଜନୀତିର ଜଟିଳ ଭାବକୁ ବୁଝିବା ଯୋଗ୍ୟତା ଗୋଟିଏ ସାହିତ୍ୟ ଅଧ୍ୟାପିକା ପାଇବ ବା କାହୁଁ ?

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମେଳନୀ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ତରଫରୁ ପାଳିତ ହେଲା । ୨୦୨୪ ଜାନୁଆରୀ ୨୯-୩୦-୩୧ ତିନିଦିନ ବ୍ୟାପୀ । ବଜେଟ୍ ଥିଲା ଦୁଇଲକ୍ଷ ପଚାଶ ହଜାର । ଅନୁମୋଦନ ରାଶି ହାତକୁ ଆସି ନଥାଏ, ସେ ସଂକଳ୍ପ ବଦ୍ଧ ଭାବେ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଲାଗି ପଡ଼ିଥିଲା । ନିଜ ପାଣ୍ଠିରୁ କିଛି କିଛି ଆର୍ଥିକ ଅଗ୍ରୀମ ଦେଇ ତାଙ୍କ ଅନୁଷ୍ଠାନର ଯୁବ ନେତୃତ୍ୱଙ୍କୁ ନେଇ କାର୍ଯ୍ୟକ୍ରମ ଆଶାନୁରୂପେ ସଫଳ ହେଲା । ତ୍ରି-ଦିବସୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମେଳନୀ ସଫଳତା ପ୍ରାପ୍ତିର ଶୁଭେଚ୍ଛା ସହ ଆସିଲା ସମସ୍ତ କାର୍ଯ୍ୟକ୍ରମର ହିସାବ କିତାବାର ସମୟ ।

ତିନି ଦିନ ବ୍ୟାପୀ ଉକ୍ତ କାର୍ଯ୍ୟକ୍ରମରେ ଖର୍ଚ୍ଚ ହୋଇ ସାରିଥିଲା ବଜେଟର ପାଖାପାଖି ଦୁଇଗୁଣ ଅର୍ଥ । ଟ.ଉ. ଜରୁରୀ କାଳୀନ ଭିତ୍ତିରେ ପ୍ରସ୍ତୁତ କରିବାର ଥିଲା ସେ ନେଇ ଆବଶ୍ୟକ ରସିଦକୁ ନେଇ ପ୍ରସ୍ତୁତ କରାଗଲା ଓ ସରକାରଙ୍କୁ କାର୍ଯ୍ୟାଳୟର ସମସ୍ତ କାଗଜ ପତ୍ର ଦିଆଗଲା ଠିକ୍ ସମୟରେ, ହେଲେ ବ୍ୟୟ ଅଟକଳରୁ ବହିର୍ଭୂତ ଖର୍ଚ୍ଚ ସେଇ ଅଧ୍ୟାପିକାଙ୍କ ପାଖକୁ ଆସିଲା ନାହିଁ । ସରକାର ବଦଳି ଗଲେ । ପୂର୍ବ ସରକାରଙ୍କ ନିର୍ଦ୍ଦେଶରେ ପ୍ରସ୍ତୁତ ହୋଇଥିବା କାର୍ଯ୍ୟକ୍ରମର ସେ ଖର୍ଚ୍ଚ ଯେ ପୁଣି ଆସିବ ଏହି ଆକାଶ କୁସୁମର ଅପେକ୍ଷାରେ ଓଡ଼ିଶାର ଜଣେ ଓଡ଼ିଆ ଅଧ୍ୟାପିକା ଆଜି ମଧ ଅପେକ୍ଷାରତ । ଅଭିଜ୍ଞତା ବିହୀନ କାର୍ଯ୍ୟ ହାତକୁ ନେଇ ସରଳ ବିଶ୍ୱାସରେ ସବୁ କାମ କରି ମାନସିକ ବେଦନା ତଥା ଆର୍ଥିକ କ୍ଷତିର ସମ୍ମୁଖୀନ ଏ ଅଧ୍ୟାପିକା ବର୍ତ୍ତମାନ ମଧ ଭଲ କାମର ସୁଫଳ ପାଇବାରେ ବିଶ୍ୱାସୀ । ସମୟ ହିଁ ରହିବ ଏହାର ମୂକସାକ୍ଷୀ ।

♥ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ମୁଖ୍ୟ କାର୍ଯ୍ୟାଳୟ, ସମ୍ବଲପୁର
ବିଭାଗୀୟ ମୁଖ୍ୟ (ଓଡ଼ିଆ)
ପିନ୍ କୋଡ୍-୭୬୮୦୦୨
(ମୋ) ୭୯୭୮୮୬୪୬୧୨

# ପ୍ରଯୋଜକଙ୍କୁ ମିଳୁନି ହଲ୍

## ବାଦଲ ଭୂୟାଁ



ହାତରେ ନାନା ରକମର ମୋବାଇଲ ଫୋନ୍, ସେଥିରେ ଯାହାକୁ ଯେତେ ଛୋଟ ହେଉ କି ବଡ଼ ଫିଲ୍ମ ମନଇଚ୍ଛା ମିଳୁଛି। ବର୍ଷର ସବୁଠାରୁ ବଡ଼ ପାର୍ବଣ ହେଉଛି ଦଶହରା। ଏହିଠାରୁ ଓଡ଼ିଶାରେ ପାର୍ବଣର ମହରତୁ ଆରମ୍ଭ ହୋଇଥାଏ। ଅର୍ଥାତ୍ ପଛକୁ ପଛ ଲକ୍ଷ୍ମୀପୂଜା, କାଳୀପୂଜା ତା ପଛକୁ କାର୍ତ୍ତିକେଶ୍ୱର, ବାଲିଯାତ୍ରା ହୋଇ ନୂଆ ବର୍ଷରେ ସରିଥାଏ। ଓଡ଼ିଆ ସିନେମାକୁ ଦେଖିଲେ ପୂର୍ବରୁ ସେମାନଙ୍କ ଢ଼ଙ୍ଗରଙ୍ଗ, ଆଚରଣ, ଉଚ୍ଚାରଣ ଏହା ଭିତରେ ଷ୍ଟାର ଲଢ଼େଇ ଓ ବିଭିନ୍ନ ପ୍ରସଙ୍ଗକୁ ନେଇ ଶୀତଳ ଯୁଦ୍ଧ। ତେବେ ଦଶହରା ଆସୁଥିବାବେଳେ ଚଳିତ ଥର ପାଞ୍ଚଟି ନୂଆ ଓଡ଼ିଆ ସିନେମା ହଲକୁ ଆସିବାକୁ ଯାଉଛି। କିନ୍ତୁ ଗଣମାଧ୍ୟମରେ ଯାହାସବୁ ଖବର ପ୍ରକାଶ ପାଉଛି ସ୍ଥିତି କିନ୍ତୁ ଓଲଟା। ଫିଲ୍ମ ରିଲିଜକୁ ନେଇ ପ୍ରଯୋଜକମାନଙ୍କ ମୁଣ୍ଡ ବିନ୍ଧା ଆରମ୍ଭ ହେଲାଣି। କହିବାକୁଗଲେ ସିନେମାଟି ସିନେମା ଘରକୁ ଆସିବା ପୂର୍ବରୁ ପ୍ରଯୋଜକମାନଙ୍କର ଡିପ୍ରେସନ ପରିସ୍ଥିତି। ଏଠି ସିନେମା ତିଆରି ପାଇଁ ଯେତିକି ଝିନଝଟ ନାହିଁ ରିଲିଜ ହେଉଛି ବଡ଼ ଅସମାହିତ ଘଟଣା। ସହଜେ ତ ପୂର୍ବପରି ଆଉ ଓଡ଼ିଆ ସିନେମା ତିଆରି ହେଉନାହିଁ ବୋଲି ଅଭିଯୋଗ ଉଠୁଛି। ଏ ସବୁ ଭିତରେ ସବୁଠାରୁ ବଡ଼ ପର୍ବ ଏହି ଦଶହରାକୁ ଟିକେ ମନୋରଞ୍ଜନଧର୍ମୀ ଆଉ ରଙ୍ଗୀନ କରିବାକୁ ଓଲିଉଡ ପ୍ରସ୍ତୁତ ହୋଇଥାଏ। କିନ୍ତୁ ଚଳିତ ଥାର ପାଞ୍ଚ ପାଞ୍ଚଟି ଚଳଚ୍ଚିତ୍ର ରିଲିଜ ପାଇଁ ଥିଲେ ମଧ ପ୍ରଚାର ପ୍ରସାରର ଘୋ ଘା ଭିତରେ ବାସ୍ତବରେ କିଏ କେତେ ହଲ ପାଇବା ତାହାକୁ ନେଇ ବଡ଼ ଆଲୋଚନା। ଓଡ଼ିଶାର ବଡ଼ ଷ୍ଟାର ଅନୁଭବଙ୍କ ଅଭିନୀତ ଓ ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜିତ ଓ ନିର୍ଦ୍ଦେଶିତ କର୍ମ, ଅର୍ଦ୍ଧେନ୍ଦୁଙ୍କ ପ୍ରଯୋଜିତ ବିଗ୍ ବଜେଟ ମସଲାଧର୍ମୀ ସିନେମା ଭିଲେନ, କିମ୍ବଦନ୍ତୀ ଗାୟକ ଅକ୍ଷୟ ମହାନ୍ତିଙ୍କ ସଂଗୀତକୁ ନେଇ ସ୍ୱରାଜଙ୍କ ଅଭିନୀତ ଖୋକାଭାଇ ତମ ପାଇଁ, ପ୍ରଯୋଜକ ପ୍ରତୀମଙ୍କ ଦୁର୍ଗା ଓ ବିନି ପଟ୍ଟନାୟକଙ୍କ ପ୍ରଯୋଜିତ ସନମ ତୁ ସୁହାନା ତାଲିକାରେ ରହିଛନ୍ତି। ଓଡ଼ିଶାରେ ପୂର୍ବପରି ଆଉ ସିନେମା ହଲ ମଧ ନାହିଁ ଯାହା ବି ଥିଲା ମହାବାତ୍ୟା ସମୟରେ ଅନେକ ସିନେମା ହଲ ଧରାଶାୟୀ ହୋଇଗଲା। ତେବେ ଏବେ ଓଡ଼ିଶାରେ ମାତ୍ର ୬୦ ଭିତରେ ସିନେମା ହଲ। ସେହିପରି ଓଡ଼ିଆ ସିନେମା ରିଲିଜ ସମୟରେ ମଧ ହିନ୍ଦୀ ସିନେମା ଓ ଅନନ୍ୟ ଭାଷାଭାଷୀର ସିନେମା ବି ରହିଛି।

ଓଡ଼ିଶାରେ ଦେଖିବାକୁ ଗଲେ ଚାଳିଶଟି ସହରରେ ଅଣଚାଳିଶଟି ସିଂଗଲ ସ୍କ୍ରିନ ଓ ଅଣତିରିଶଟି ମଲ୍ଟିପ୍ଲେକ୍ସ ଏପରି ମିଶିଗଲେ ୬୮ଟି ପ୍ରେକ୍ଷାଳୟରେ ୧୩୦ଟି ସ୍କ୍ରିନ ରହିଛି। ତେବେ ମୂଳକଥା ହେଉଛି କେବଳ ପୂଜା ସମୟ ନୁହେଁ ରଜ ହେଉ କିମ୍ବା ନୂଆ ବର୍ଷ ଯେକୌଣି ସମୟରେ ବି ଫିଲ୍ମକୁ ନେଇ ସମସ୍ୟା ହିଁ ସମସ୍ୟା। ଅନେକ କହୁଛନ୍ତି ଯେ ରିଲିଜ ଲାଗି ହଲ ମିଳୁନି। ଏପଟେ ବଡ଼ ବଡ଼ ହିରୋଙ୍କୁ ନେଇ ଅଧିକ ଟଙ୍କା ଖଟାଇ ସିନେମା କରିବାକୁ ବଡ଼ ବଡ଼ ପ୍ରଯୋଜକମାନେ ମଧ ପଛଘୁଞ୍ଚା ଦେଉଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ ହଲ ଖୋଜିବା ପାଇଁ ପ୍ରଯୋଜକମାନେ ଦୌଡ଼ି ଦୌଡ଼ି ନାକେଦମ ହୋଇପଡ଼ିଲେଣି। ସିନେମାର ପ୍ରମୋସନ ନାଁ କହି ବିଭିନ୍ନ ସହରକୁ ଯାଉଥିଲେ ମଧ ବାସ୍ତବ କଥା ହେଉଛି କେମିତି ହଲରେ ସିନେମାଟି ରିଲିଜ ହେବ ତାହା ହିଁ ଆମର ବଡ଼ କଥା। ତେବେ ଏସବୁ ଭିତରେ ଜାତୀୟ ପୁରସ୍କାର ପାଇଥିବା ମେଗାଷ୍ଟାର ହୁଅନ୍ତୁ କି ନିର୍ମାତା ସେମାନଙ୍କ ସିନେମା ମଧ ଭରଷା ପାଉନି। ଏପଟେ ଗୋଟିଏ ସମୟରେ ଚାରି ପାଞ୍ଚଟି ସିନେମା ରିଲିଜ ଦ୍ୱାରା କ୍ଷତି ହେବା ହିଁ ସାର। ପ୍ରାୟତଃ ସିନେମ ପ୍ରଦର୍ଶନର ବେପାରବଟା ଯାହା ଅନେକ ପ୍ରଯୋଜକ ପ୍ରିମିୟର ଖର୍ଚ୍ଚ ଉଠିବ କି ନାହିଁ ସନ୍ଦେହ କଲେଣି। ଆଉ ସିନେମାକୁ ବି ଦେଖିଲେ ଟିକେଟ ଦର ଯାହା ଏହା ଅଧିକ ହୋଇଯାଉଛି ବୋଲି କେହି କେହି କୁହନ୍ତି। ଓଡ଼ିଶାରେ ଯେତେ ମଲ୍ଟିପ୍ଲେକ୍ସ ରହିଛି ନାଁ ପ୍ରଯୋଜକର ନାଁ ସରକାରଙ୍କର ନା ବିତର୍କଙ୍କ ନିୟନ୍ତ୍ରଣ ରହିଛି। କେହି କେହି କୁହନ୍ତି ସିନେମାକୁ ନେଇ ଏକ କୋଟେରୀ ସବୁ ରହିଛି ହେଲେ ଏହା ପଛରେ ଦର୍ଶକ ବାପୁଡାଟି ଅର୍ଥଶ୍ରାନ୍ତ କରି ମଧ ଭଲ ସିନେମାରୁ ଦେଖିବା ପାଇଁ ବଞ୍ଚିତ ହେଉଛି। ଭଲ କାହାଣୀ ଓ ଓଡ଼ିଶାର ଅନେକ ଲୋକଲୋଚନର ଉହାଡ଼ରେ ଥିବା ଘଟଣାବଳୀ ହେଉ କିମ୍ବା ଭଲ ଭଲ ଉପନ୍ୟାସ ଓ ଗଳ୍ପକୁ ନେଇ ସିନେମା ମଧ ତିଆରି କରାଯାଇପାରେ। ସେହିପରି ସିନେମା ବିତରଣ ବ୍ୟବସ୍ଥାକୁ ସରକାରୀ ବ୍ୟବସ୍ଥାରେ ସଜଡ଼ା ଯାଉ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମକୁ ସ୍ୱୟଂ ଶାସିତ କରି ଏହା ଦାୟିତ୍ୱରେ ସିନେ ବ୍ୟକ୍ତିତ୍ୱଙ୍କୁ ପରିଚାଳନା ଦାୟିତ୍ୱରେ ରଖାଯାଉ। ସମସ୍ତଙ୍କ ପକେଟକୁ ସୁହାଇଲା ଭଳି ଟିକେଟର ଦାମ ରହୁ ଏବଂ ଦ୍ୱିଅର୍ଥ ବୋଧକ ଭାଷା ଓ ଅଭିନୟ ସିନେମାରେ ନରହୁ। ଓଡ଼ିଶା ଏକ କଳାପ୍ରାଣ ରାଜ୍ୟ। ପ୍ରତିଟି ଓଡ଼ିଆଙ୍କ ରକ୍ତରେ କଳା ଭରି ରହିଛି। ଏହି ମାଟିରେ ଅନେକ ସିନେମା ବିଶ୍ୱ ବିଖ୍ୟାତ ମଧ ହୋଇପାରିଛି। ତେବେ ସୋସିଆଲ ମିଡିଆ ଯୁଗରେ ସିନେମାର ଚାହିଦା ଯେ ନାହିଁ ତାହାନୁହେଁ କିନ୍ତୁ ସିନେ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟ କରୁ।

♥ ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ମୋ : ୭୪୮୮୯୯୮୫୩୨

# ଜୀବନର ପ୍ରତିଟି ପାହଚରେ ଗଣିତର ଆବଶ୍ୟକତା ବିଷୟରେ ସମସ୍ତେ ଅନୁଭବ କଲେଣି : ଡ଼.ଆଲୋକ ରଂଜନ ପ୍ରଧାନ

ଉଦଳା , ୨୯/୯ (ନି.ପ୍ର): ଉଦଳା ମହାବିଦ୍ୟାଳୟ ପରିସରରେ ୨୦୨୪-୨୫ ଶିକ୍ଷା ବର୍ଷରେ ନୂତନ ଭାବରେ ଗଣିତ ସମ୍ମାନରେ ନାମ ଲେଖାଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଭାଗୀୟ ମୁଖ୍ୟ ତପସ୍ୱିନୀ ବେହେରା ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରି ଗଣିତ ପ୍ରତି ଛାତ୍ର ଛାତ୍ରୀ ମାନେ ଆଗ୍ରହ ପ୍ରକାଶ କରିଥିବାରୁ ପ୍ରଥମେ ଅଭିନନ୍ଦନ ଜଣାଇଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ଆଲୋକ ରଂଜନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜୀବନର ପ୍ରତିଟି ପାହାଚରେ ଗଣିତର ଆବଶ୍ୟକତା କିପରି




ରହିଛି ଓ ସେ ବିଷୟରେ ଆଜି କିପରି ସମସ୍ତେ ବେଶ ଭଲଭାବରେ ଅନୁଭବ କଲେଣି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ ଓ ଅଧ୍ୟାପିକା ଡ଼.ମୀନାକ୍ଷି ପରିଡ଼ା, ଗଣିତଶାସ୍ତ୍ର ବହୁ ପୁରାତନ ଅଟେ । ଏପରିକି ବେଦ, ଉପନିଷଦରେ ମଧ୍ୟ ଗଣିତ ପାଠର ବ୍ୟବହାର ସମ୍ପର୍କରେ ବର୍ଣ୍ଣନା ଦେଖିବାକୁ ମିଳେ ବୋଲି ବ୍ୟକ୍ତ କରିଥିଲେ । ଏପରିକି ଓଡ଼ିଶାର ସାମନ୍ତ ଚନ୍ଦ୍ର ଶେଖର ବାଉଁଶ ନଳି ଓ କେତେଖଣ୍ଡ କାଠି ସାହାଯ୍ୟରେ ଦୂର ପାହାଡ଼ର ଉଚ୍ଚତା ମାପି ପାରୁଥିଲେ । ଗ୍ରହ ନକ୍ଷତ୍ର ମାନଙ୍କର ଦୂରତା ଓ ଆବର୍ତ୍ତନ, ପରିକ୍ରମଣ ସମ୍ପର୍କରେ ନିର୍ଭୁଲ ତଥ୍ୟ ଦେଇପାରୁଥିଲେ , ଏହା ବୈଦିକ ଗଣିତ ଦ୍ୱାରା ସମ୍ଭବ ହୋଇ ପାରୁଥିଲା ବୋଲି ନିଜ ନିଜର ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହାପରେ 'ଲିନିୟର ଆଲଜେବର' ବିଷୟ ବସ୍ତୁ ଉପରେ ଏକ ପାଠ ଚକ୍ର ଅନୁଷ୍ଠିତ ହୋଇଥିଲା । ପରେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ର ଛାତ୍ରୀ ମାନେ ନିଜ ନିଜର ସନ୍ଦର୍ଭ ପାଠ କରିବା ସହ ନବାଗତ ଭାଇ ଭଉଣି ମାନଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଅଧ୍ୟାପକ ବନମାଳି ସିଂ ପ୍ରାରମ୍ଭରେ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଧାନାଥ ସାହିତ୍ୟ ପରିଷଦ, ବାଲେଶ୍ୱର ପକ୍ଷରୁ କବିବରଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର, ୨୯/୯ (ନି.ପ୍ର): କବିବରଙ୍କ ପୈତୃକ ସଂପତ୍ତି ଉପରେ ଗଢ଼ି ଉଠିଥିବା ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ କବିବରଙ୍କ ୧୭୭ତମ ଜୟନ୍ତୀ ସଭାପତି ତଥା 'ରେବତୀ' ପତ୍ରିକାର ସଂପାଦିକା ସୁବାସିନୀ ନେଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଉପସ୍ଥିତ ସାହିତ୍ୟିକ ଓ ଛାତ୍ରଛାତ୍ରୀମାନଙ୍କୁ କବିବରଙ୍କ ଭଳି ମହାନ୍ ପୁରୁଷଙ୍କ ପୂଜ୍ୟପୂଜା କରିବା ସମାଜ ପକ୍ଷେ ମଙ୍ଗଳକର ହେତୁ ଏହି ପରମ୍ପରା ବଜାୟ ରଖିବାକୁ ଅନୁରୋଧ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ଡ. ଦେବାଶିଷ ପାତ୍ର ଉଦାହରଣ ଦେଇ କହିଲେ ଯେ, ରାଧାନାଥଙ୍କ ଚିଲିକା କାବ୍ୟ ଓ ମହାଯାତ୍ରା ମହାକାବ୍ୟ ତଙ୍କୁ ଅମରତ୍ୱ ପ୍ରଦାନ କରିଛି । ତାଙ୍କ ଦ୍ୱାରା ବିପୁଳ ପାଠ୍ୟ ପୁସ୍ତକ ରଚନା ଓଡ଼ିଆ ଜାତିକୁ ଛିଡ଼ା କରାଇ ପାରିଥିଲେହେଁ ଏହା ଅନାଲୋଚିତ ହୋଇ ରହିଯାଇଥିବାରୁ କ୍ଷୋଭ ପ୍ରକଟ କରିଥିଲେ । ସମ୍ମାନିତ ବକ୍ତା ଡ.



ଲକ୍ଷ୍ମୀକାନ୍ତ ତ୍ରିପାଠୀ ରାଧାନାଥଙ୍କ ଚନ୍ଦ୍ରଭାଗା, ଉଷା ଓ କୌଶଲ୍ୟା ନାରୀ ଚରିତ୍ର ଉପରେ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ । ଡ. ଅରବିନ୍ଦ ଗିରି ଗଡ଼ଗଡ଼ିଆ ଆଡ଼ିରେ ରାଧାନାଥ, ଫକୀରମୋହନ ଓ ମଧୁସୂଦନ ଓଡ଼ିଆ ଜାତିର ସାରସ୍ୱତ ଓ ସାଂସ୍କୃତିକ ଭବିଷ୍ୟତ କିଭଳି ଉଜ୍ଜ୍ୱଳ ହେବ ଚିନ୍ତନ କରିବା ସଂଗେ ରାଧନାଥଙ୍କ ଜାତୀୟତା, ସ୍ୱଦେଶ ପ୍ରୀତି ଓ ସାହିତ ସାଧନା ଅତୁଳନୀୟ ଥିଲା ବୋଲି ଉଦାହରଣ ଦେଇଥିଲେ । ଏହି ଅବସରରେ ଅରବିନ୍ଦ ଗିରିଙ୍କ 'ଚିଲିକା'କାବ୍ୟ ସଂକଳନ ଓ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ 'ହୁଗୁଳିରେ ରାଧାନାଥ' ପୁସ୍ତକ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସଭାପତି ମନସ୍ୱିନୀ ଦେବୀ ମଂଚ ଆହ୍ୱାନ କରିବା ସହ ସଂଯୋଜନା କରିଥିଲେ । ଯୁଗ୍ମ ସଂପାଦକ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ପଣ୍ଡିତ ଭାସ୍କର ମିଶ୍ର ବେଦପାଠ କରିଥିବା ବେଳେ ସଂପାଦକ ଅଧାପକ କମଳାକାନ୍ତ ଦାଶ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । କଲ୍ୟାଣୀ ନନ୍ଦ ଓ ସାଥୀମାନେ 'ଭାରତ ଗୀତିକା' ସର୍ବେଷାଂ ନୋ ଜନନୀ..ଗାନ କରିଥିଲେ । ଅଧ୍ୟକ୍ଷ ଡ. ନିରଞ୍ଜନ ଦାଶ ରାଧାନାଥଙ୍କ ଗୁରୁଭକ୍ତି ଓ ଉଦାର ଚରିତ୍ରର ଉଦାହରଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଦାବି ନେଇ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ବୈଠକ

ଜୟପୁର, ୨୯/୯ (ନି.ପ୍ର): ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ରାଜୁ ସାହି ସ୍ଥିତ ପଂଚାନନ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶ୍ ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶତାଧିକ କର୍ମଚାରୀ ଯୋଗଦାନ କରିଥିଲେ । ଉକ୍ତ ବୈଠକରେ ଜିଲ୍ଲା ସ୍ତରୀୟ କର୍ମଚାରିଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ଆଲୋଚନା ହୋଇଥିଲା । ମୁଖ୍ୟତଃ ସମସ୍ତ କର୍ମଚାରୀଙ୍କୁ ପୁରୁଣା ପେନସନ ପ୍ରଦାନ କରିବା, ପୁରୁଣା ନିୟମାନୁସାରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବା, ଠିକା ନିଯୁକ୍ତି ଉଚ୍ଛେଦ କରିବା, ବ୍ଲକ ଗ୍ରାଂଟ ଉଚ୍ଛେଦ କରିବା, ଏକ୍ସ କ୍ୟାଡ଼ର ଉଚ୍ଛେଦ କରିବା, କୋଭିଡ୍ ମହାମାରୀ ସମୟରୁ ସ୍ଥଗିତ ରଖିଥିବା ମହଙ୍ଗା ଭତାକୁ ପ୍ରଦାନ କରିବା, ଘର ଭଡ଼ାରେ ସମାନତା ରଖିବା, ପ୍ରତ୍ୟେକ ଖାଲିଥିବା ପଦବୀ ପୂରଣ କରିବା ଓ ଯୋଗ୍ୟତା ଭିତିରେ ଖାଲି ପଡିଥିବା ପଦବୀରେ ଠିକ୍ ସମୟରେ ପଦୋନ୍ନତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମସ୍ତ ଉପସ୍ଥିତ କର୍ମଚାରୀ ମତ ଦେଇଥିଲେ । ଦୀର୍ଘ ଦିନ ଧରି ଖାଲି ପଡିଥିବା ପଦବୀ ନିମନ୍ତେ ପଦୋନ୍ନତି ପାଇବା ପାଇଁ ଯୋଗ୍ୟ ବିବେଚିତ କର୍ମଚାରି ଥିଲେ ସୁଦ୍ଧା ଅଧିକାରୀ ମାନେ ପଦୋନ୍ନତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ନେଇ ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନେ ତୃତୀୟ ଶ୍ରେଣୀ କର୍ମଚାରୀ ଭାବେ ପଦନ୍ନତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ କମ୍ପୁଟର ପରୀକ୍ଷା ଦେବାର ୩ ମାସ ହେବାକୁ ଯାଉଥିଲେ ମଧ୍ୟ ଶିକ୍ଷା ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଆଜି ପର୍ଯ୍ୟନ୍ତ ପଦୋନ୍ନତି ଦିଆ ଯାଇନଥିବା ଯୋଗୁଁ ଶିକ୍ଷା ବିଭାଗର କର୍ମଚାରୀ ମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ

ପୁରୀ, ୨୯/୯ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ - ୨୦୨୪ ପାଳନ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ରଥ ନିରାପଦ ଗର୍ଭପାତ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ବିଶଦ ଆଲୋଚନା କରିଥିଲେ । ଡାକ୍ତରଙ୍କ ପରାମର୍ଶରେ ଓ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଗର୍ଭଧାରଣର ୨୪ ସପ୍ତାହ ମଧ୍ୟରେ କେବଳ ଗର୍ଭପାତ କରିବା ନିରାପଦ । ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ଼ାକ୍ତର ବାସୁଦେବ ମହାପାତ୍ର ସଂଶୋଧିତ ଏମ.ଟି.ପି ଅଧିନିୟମ ସମ୍ବନ୍ଧରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ । ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଶୁଭେନ୍ଦୁ ବିକାଶ ପଟ୍ଟନାୟକ ମଧ୍ୟ ସରକାରୀ ଡାକ୍ତରଖାନାରେ ନିରାପଦରେ ଗର୍ଭପାତ କରିବା ସହିତ, ଡାକ୍ତରଖାନାରେ ମିଳୁଥିବା ସୁବିଧା ସୁଯୋଗ ବିଷୟ ମଧ୍ୟ ଅବଗତ କରାଇଥିଲେ । ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଏବଂ ଆସିଷ୍ଟାଂଟ ମ୍ୟାନେଜର ମନୋଜ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

# ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ରାଧାନାଥ ଜୟନ୍ତୀ ପାଳିତ

ନୀଳଗିରି, ୨୯/୯ (ନି.ପ୍ର): ସୌନ୍ଦର୍ଯ୍ୟ ପିପାସୁ ରାଧାନାଥ ଅନୁରକ୍ତିର ଜଣେ ନିର୍ଝର ଓ ବିଦବତ୍ତାର ରତ୍ନାକର । ରାଧାନାଥ ସାଧନାର ଏକ ସାଗ୍ନିକ ତପସ୍ୱୀ , ପ୍ରଜ୍ଞାର ପ୍ରତୀକ ଓ ପ୍ରତ୍ୟୟର ପ୍ରତିଭୂ । ରାଧାନାଥ ଜଣେ ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା । ଶାଶ୍ୱତପ୍ରଣୟ ସ୍ନିଗ୍ଧ କାହାଣୀ କେଦାରଗୌରୀ, ବିୟୋଗାତ୍ମକ କାବ୍ୟ ଚନ୍ଦ୍ରଭାଗା, ସାରସ୍ୱତ ସାଧନାର ବାଣୀ ପାର୍ବତୀ, ଭାରତୀୟ ନାରୀତ୍ୱର କ୍ରାନ୍ତିକାରୀ ସୃଷ୍ଟି ନନ୍ଦିକେଶରୀ, ଉତ୍କଳୀୟ ଚେତନାର ଓ ପ୍ରକୃତିର କମନୀୟ ଆଲେଖ୍ୟ ଚିଲିକା, ବ୍ୟଙ୍ଗଧର୍ମୀ ସାର୍ଥକ ମଉନ ପ୍ରତିବାଦ ଦରବାର, ପ୍ରତିଭାର ଜୟଯାତ୍ରା ମହାଯାତ୍ରା ପ୍ରଭୃତି କାବ୍ୟକବିତା ଓଡିଆ ସାରସ୍ୱତ ଜଗତରେ ଗୋଟିଏ ଗୋଟିଏ ଅମୂଲ୍ୟଗ୍ରନ୍ଥବୋଲି କବିବରଙ୍କ ଜୟନ୍ତୀରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ




ପ୍ରକାଶ ପାଇଛି । ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଗୃହବିଜ୍ଞାନର ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ମମତା ବରାଳ ମୁଖ୍ୟଅତିଥି, ଓଡ଼ିଆ ବିଭାଗର ପ୍ରମୁଖ ଅଧ୍ୟାପିକା ଡ. ଶିବାନୀ ଡଗର, ସମ୍ମାନିତ ବକ୍ତା ଡ. ହରିପଦ ଦାଶ,ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ବକ୍ତା ଜୁନିୟର ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଶ୍ରୀଯୁକ୍ତ ସତ୍ୟରଞ୍ଜନ ମିଶ୍ରପ୍ରମୁଖ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଓଡ଼ିଆ ବିଭାଗର ଛାତ୍ରୀ ସୁଶ୍ରୀ ହେମଲତା ବେହେରା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଶ୍ରୀ ଜୟଶ୍ରୀ ପଣ୍ଡା ବେଦମନ୍ତ୍ର ଉଚ୍ଚାରଣ, ସୁଶ୍ରୀ ହେମଲତା, ଦୀପାଞ୍ଜଳି, ଅନିତା, ତପସ୍ୱିନୀ, ସାଇପ୍ରଭା , ପ୍ରୟାସୀ, ରାଧାନାଥଙ୍କ ଭାରତ ଗୀତିକା ଗାନ କରିଥିଲେ । ଶେଷରେ ଓଡ଼ିଆ ବିଭାଗର ଛାତ୍ରୀ ସୁଶ୍ରୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ଅଧ୍ୟାପିକା ମଣିମାଳା ବିଶ୍ୱାଳ, ମମତା ପ୍ରିୟଦର୍ଶିନୀ ସାହୁ, ସୁଷମା ସିଂହ, ମୋନାଲିସା ଭୋଳ, ମୌସୁମୀ ଭୋଳ, ପବିତ୍ରା ବେହୁରିଆ, ନିରୂପମା ନାୟକ ତଥା କାର୍ଯ୍ୟାଳୟ କର୍ମଚାରୀ ବ୍ରହ୍ମାନନ୍ଦ ଗିରି, ଆଦିକନ୍ଦ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ ।

# ପରିବା ବଜାର ପାଇଁ ରାସ୍ତା ଅବରୋଧ: ପ୍ରଶାସନ ନୀରବଦ୍ରଷ୍ଟା

ସମ୍ବଲପୁର, ୨୯/୯ (ନି.ପ୍ର): ଠିକାଦାର ବଦଳିଲେ ହେଲେ ବଦଳିଲାନି ସମସ୍ୟା । ଯେମିତି କି ସେମିତି ପୂର୍ବବତ୍ ରାସ୍ତା ବନ୍ଦ କରି ଚାଲିଛି ଗୋବିନ୍ଦତୋଳା ପରିବା ବଜାର । ଉଚ୍ଛେଦ ହେଲାନି ଗୋବିନ୍ଦତୋଳା ପରିବା ବଜାର ପାର୍ଶ୍ୱର ଜବରଦଖଲ ଜମି, ଆଜିଯାଏ ଉଚିତ ବ୍ୟବହାରରେ ଆସିଲାନି ବଜାର ପିଣ୍ଡି । ଗୋବିନ୍ଦତୋଳା ପରିବା ବଜାର ପରିଚାଳନାରେ ତ୍ରୁଟି, ଧ୍ୟାନ ଦେଉନି ମହାନଗର ନିଗମ କର୍ତ୍ତୃପକ୍ଷ । ମାଛ ବେପାରୀଙ୍କ ଦୌରାତ୍ମ୍ୟରେ ସଙ୍କୁଚିତ ହେଉଛି ରାସ୍ତା । ସମ୍ବଲପୁର ସହରର ଗୋବିନ୍ଦତୋଳା ଦ୍ୱିତୀୟ ବ୍ରିଜ ଉପରେ ଦୀର୍ଘ ଦିନ ହେଲା ବସୁଥିବା ପରିବା ବଜାର ଗୋବିନ୍ଦତୋଳା ପରିବା ବଜାର ପାଇଁ ଉଦ୍ଦିଷ୍ଟ ସ୍ଥାନକୁ ସ୍ଥାନାନ୍ତରିତ ହେଲା ସତ, ହେଲେ ସମସ୍ୟା ସମାଧାନ ହେବା ବଦଳରେ ବଢ଼ିବାରେ ଲାଗିଛି । ବାରମ୍ବାର ଏ ସମ୍ପର୍କରେ ଅଭିଯୋଗ ପରେ ମଧ୍ୟ ପରିବା ବଜାର ପାର୍ଶ୍ୱରେ ଥିବା ସରକାରୀ ଜମିରୁ ଉଚ୍ଛେଦ କରାଯାଉନାହିଁ । ଏଥିସହ ଦିନକୁ ଦିନ ବେପାରୀଙ୍କ ସଂଖ୍ୟା ବଢୁଥିବା ବେଳେ ସ୍ଥାନ ନପାଇ ରାସ୍ତା ଉପରେ ଅନେକ ବେପାରି ନିଜ ପସରା ମେଲାଇ ଥିବା ଯୋଗୁ ଗୋବିନ୍ଦତୋଳା ମାରୁତି ନଗରକୁ ଯାଉଥିବା ରାସ୍ତାଟି ଏବେ ସମ୍ପୂର୍ଣ୍ଣ ଭାବରେ ସଂକୁଚିତ ହେବାରେ ଲାଗିଛି କ୍ଷ ଇତିମଧ୍ୟରେ ଏହି ପରିବା ବଜାର ପାଇଁ ଟେଣ୍ଡର ହୋଇଯାଇଛି ଓ ନୂତନ ଭାବେ ଭେଣ୍ଡର ବି ପରିବର୍ତ୍ତନ ହୋଇଛନ୍ତି । ହେଲେ ସମସ୍ୟା କମିବା ବଦଳରେ ସମସ୍ୟା ବଢିଛି ବୋଲି ଅଗ୍ରଣୀ 'ସାଧନା' ଅନୁଷ୍ଠାନର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି କ୍ଷପରିବା ବଜାର ପାଇଁ ନିର୍ମିତ ପିଣ୍ଡିରେ ବିଭିନ୍ନ ସମସ୍ୟା ଥିବା ଯୋଗୁ ଏବେ ବି ପ୍ରାୟତଃ ଅଧିକାଂଶ ବେପାରୀ ମାନେ ପିଣ୍ଡିରେ ବସୁନଥିବା ଦେଖିବାକୁ ମିଳୁଛି । କୌଣସି ବିକଳ୍ପ ନଥିବାରୁ ବ୍ୟବସାୟୀ ମାନେ ରାସ୍ତା କଡରେ ବସୁଥିବା ଯୋଗୁଁ ସ୍ୱାଭାବିକ ଭାବରେ ରାସ୍ତାଟି ଜାମ୍ ହୋଇଯାଉଛି । ଯଦ୍ୱାରା ସାଧାରଣ ଲୋକଙ୍କର ଯାତାୟାତରେ ସାଙ୍ଘାତିକ ସମସ୍ୟା ସୃଷ୍ଟି ହେଉଛି । ବଜାର ଆରମ୍ଭରେ ମାଛ ବେପାରୀ ମାନେ ବସୁଥିବା ଯୋଗୁଁ ରାସ୍ତା ଆରମ୍ଭରୁ ମୁଜି ହୋଇଯାଉଥିବା ସାମାଜିକ କର୍ମୀ ତଥା ବରିଷ୍ଠ ବିଜେପି ନେତା ଶ୍ରୀ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ସମସ୍ୟା ତଥା ବଜାର ପରିଚାଳନାରେ ତ୍ରୁଟି ସମ୍ପର୍କରେ ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ନମିଳିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି । ଗୋବିନ୍ଦତୋଳାରେ ପରିବା ବଜାର ହେବା ଦ୍ୱାରା ଅଂଚଳବାସୀ ଉପକୃତ ହେବା ସହ ଦୂରଦୁରାନ୍ତରୁ ଆସୁଥିବା ଅନେକ ପରିବା ବେପାରୀ ନିଜ ନିଜର ଆୟର ମଧ୍ୟ ଏକ ମାଧ୍ୟମ ପାଇପାରିଛନ୍ତି । ଯାହାକି ଏକ ସ୍ୱାଗତଯୋଗ୍ୟ ବିଷୟ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ପୋଲିସକୁ ମୁଖ୍ୟମନ୍ତ୍ରୀଙ୍କ ...

ଏଥିପାଇଁ ୯ ହଜାର ବାଇକ୍ ସହ ପ୍ରତି ଥାନାକୁ ଆଉ ଗୋଟିଏ ଲେଖାଏଁ ଚାରି ଚକିଆ ଯାନ ବି ଦିଆଯିବ। କେବଳ ସେତିକି ନୁହେଁ ୧୨୩୪ ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ବି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ଆଉ ୧୦ଟି ନୂଆ ଓଡ୍ରାଫ୍ ୟୁନିଟ୍ ସହ ପ୍ରତି ଜିଲ୍ଲାରେ ଓଡ୍ରାଫ ଟିମ୍, ୨୨୯୮ ହୋମଗାର୍ଡ ପୁନଃ ନିଯୁକ୍ତି, ଓଡ଼ିଶା ଷ୍ଟେଟ ଷ୍ଟ୍ରାଇକିଂ ଫୋର୍ସର ୩ଟି ନୂଆ ବାଟାଲିଅନ, ୧୦ଟି ଯାକ ମେଡିକାଲ କଲେଜରେ ଫାଣ୍ଡି କରାଯିବା ସହ ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିଅନ ହେବା ନେଇ ବି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଲୋକସେବା ଭବନ କନଭେନ୍ସନ ହଲରେ ଉଦ୍‌ଯାପିତ ଦୁଇ ଦିନିଆ ସମ୍ମିଳନୀରୁ ଜିଲ୍ଲାର ପୋଲିସ୍ ଓ ପ୍ରଶାସନର ମୁଖିଆମାନେ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରକୁ କେତେଦୂର କାର୍ଯ୍ୟକାରୀ କରୁଛନ୍ତି, ପୂରା ବ୍ୟବସ୍ଥାରେ ଏହାର କି ପ୍ରଭାବ ପଡୁଛି ଏବେ ତା ଉପରେ ନଜର।

### ୭ ପ୍ରସ୍ତାବକୁ ...

ବଂଟନ ବ୍ୟବସ୍ଥାରେ ମୋଟ ୧୧୯୩୧ଟି ସୁଲଭ ମୂଲ୍ୟ ଦୋକାନ ରହିଛି । ସେଥିରୁ ୫୨୯୧ଟି ଘରୋଇ ଡିଲରଙ୍କ ଦ୍ୱାରା ପରିଚାଳିତ ହେଉଛି । ଆନୁଷ୍ଠାନିକ ଖାଉଟି ଡିଲର କେନ୍ଦ୍ର ଯଥା-ପଂଚାୟତ ଦ୍ୱାରା ପରିଚାଳିତ ୪୦୨୮ଟି , ମହିଳା ଏସଏଚଜିଙ୍କ ଦ୍ୱାରା ୨୧୬୧ଟି, ଏସଏଚଜିଙ୍କ ଦବାରା ୧୬୧ଟି , ସେବା ସମବାୟ ସମିତି ଦ୍ୱାରା ୨୪୬ଟି ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ୪୨ଟି ସୁଲଭ ମୂଲ୍ୟ ଦୋକାନ ପରିଚାଳିତ ହେଉଛି । ସେହିପରି ଆଡଭୋକେଟ୍ ଜେନେରାଲ (ଏଜି)ଙ୍କ ଫି' ସଂଶୋଧନ ପ୍ରସ୍ତାବକୁ ପିଛିଲା ଭାବେ ଆଜି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଶେଷଥର ପାଇଁ ୨୦୧୬ ଏପ୍ରିଲ ୨୧ତାରିଖରେ ଏଜିଙ୍କ ଫି' ସଂଶୋଧିତ ହୋଇଥିଲା । ସୁପ୍ରିମକୋର୍ଟ, ହାଇକୋର୍ଟ, ବିଭିନ୍ନ ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ମାମଲା ଲଢ଼ିବା ପାଇଁ ଏଜିଙ୍କ ଫି'କୁ ରାଜ୍ୟ ସରକାର ପ୍ରାୟ ୬ଗୁଣ ବୃଦ୍ଧି କରିଛନ୍ତି । ସରକାର ଆଇନ ପରାମର୍ଶଦାତା ଭାବେ ମାସିକ ରିଟେନର ଫି' ବାବଦରେ ୫୦ହଜାର ଟଙ୍କା ପରିବର୍ତ୍ତେ ୩ଲକ୍ଷ ଟଙ୍କା ପାଇବେ । ସେହିପରି ସୁପ୍ରିମକୋର୍ଟରେ କୌଣସି ମାମଲାରେ ହାଜର ହେବା ପାଇଁ ଥରକୁ ୫୫୦୦୦ ଟଙ୍କା, ଆଟର୍ଣ୍ଣି ଜେନେରାଲଙ୍କୁ ସହାୟତା ପାଇଁ ସୁପ୍ରିମକୋର୍ଟରେ ଉପସ୍ଥିତ ହେଲେ ଦୈନିକ ୩୫ହଜାର ଟଙ୍କା, କୌଣସି କାର୍ଯ୍ୟ ସମ୍ପାଦନ ପାଇଁ ସଦରମହକୁମା ବାହାରକୁ ଗଲେ ଦୈନିକ ୩୫ହଜାର ଟଙ୍କା, କଟକରେ କୌଣସି କୋର୍ଟ, ଟ୍ରିବ୍ୟୁନାଲ ଓ ଆୟୋଗରେ ହାଜର ହେଲେ ଦୈନିକ ୩୦ହଜାର ଟଙ୍କାର ଫି' ସରକାର ଦେବେ । ସେହିପରି ଭାରତର ସମ୍ବିଧାନର ଅନୁଚ୍ଛେଦ ୨୨୬ ଓ ୨୨୭ ଅନୁସାରେ କାର୍ଯ୍ୟବିଧିରେ ହାଇକୋର୍ଟରେ ଉପସ୍ଥିତ ପାଇଁ ଦୈନିକ ୩୦ହଜାର ଟଙ୍କା ଫି' ମିଳିବ ବୋଲି ଜଣାପଡ଼ିଛି ।

### ଆନ୍ଦୋଳନରୁ ଓହରିବେ ...

୬ ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ ପଦୋନ୍ନୋତି, ଆର୍ଥିକ ସୁବିଧା ପ୍ରଦାନ, ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ଆଉଟ୍ ସୋର୍ସିଂ ନିଯୁକ୍ତି ବନ୍ଦ, ନର୍ସିଂ ଅଫିସରଙ୍କ ଡ୍ରେସ୍ କୋଡ୍ ପରିବର୍ତ୍ତନ ଭଳି ୧୦ ଦଫା ଦାବି ନେଇ ୪ ଦିନ ହେଲା ଆନ୍ଦୋଳନରେ ବସିଥିଲା ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ । ଆଜି ଠାରୁ ନର୍ସମାନେ ଦିନରାତି ସିରିଞ୍ଜ୍ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଥିଲେ ।

### ବବି-ମାନସଙ୍କୁ ବିଜେଡିରେ ...

କମିଟିରେ ନାହିଁ ଦଳର ପୂର୍ବତନ ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ଓ ସାଂସଦ ମାନସ ମଙ୍ଗରାଜଙ୍କ ନାଁ । ଆଉ ରାଜନୈତିକ ସମୀକ୍ଷକଙ୍କ ମତ, ଏମାନଙ୍କୁ ଜାଣି ଜାଣି ଅଣଦେଖା କରାଯାଉଛି । ଚଳିତ ଥର ନିର୍ବାଚନରେ ବିଜେଡିର ପରାଜୟ ପରେ ଏବେ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି । ଆଉ ସାମ୍ନାକୁ ଆସୁଛି ଗୋଟିଏ ପରେ ଗୋଟିଏ ପ୍ରତିକ୍ରିୟା । ନବରଙ୍ଗପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀଙ୍କ ପରେ ଏବେ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ସୁପ୍ରିମୋଙ୍କ ଆଗରେ ବିସ୍ଫୋରଣ କରିଛନ୍ତି । ଶଙ୍ଖ ଭବନରେ ନବୀନ ଢେଙ୍କାନାଳ ଜିଲ୍ଲା ସମୀକ୍ଷା କରୁଥିବା ବେଳେ ଅବିନାଶ ଖୋଲାଖୋଲି ତାଙ୍କୁ ନିର୍ବାଚନ ପରାଜୟର କାରଣ କହିଛନ୍ତି । ନିର୍ବାଚନ ପୂର୍ବରୁ ଏ ଦୁଇ ନେତାଙ୍କ ଦବଦବା ଦଳରେ ବେଶ୍ ଥିଲା । କିନ୍ତୁ ବିପର୍ଯ୍ୟୟ ପରେ ଦୁହିଁଙ୍କୁ ଶଙ୍ଖ ଭବନଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ସବୁଠି ନିଜ ଦଳର କର୍ମୀ ଓ ନେତା ବିରୋଧ କରି ଆସୁଛନ୍ତି । ଚର୍ଚ୍ଚା ହେଉଛି ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କ କ୍ଷୋଭକୁ ପ୍ରଶମିତ କରିବାକୁ ସୁପ୍ରିମୋ ପ୍ରଣବ ଓ ମାନସଙ୍କ ପକ୍ଷଚ୍ଛେଦନ କରିଛନ୍ତି । ବିଜେଡି ଏହାକୁ ଖଣ୍ଡନ କରିଥିବା ବେଳେ ରାଜନୈତିକ ସମୀକ୍ଷକଙ୍କ ମତ ହେଲା ସୁପ୍ରିମୋ ପୁଣି ଥରେ ନେତାଙ୍କୁ ଏକାଠି ନେବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ତେବେ ଦିନେ ବିଜେଡି ଆଗଧାଡ଼ିର ନେତା କୁହାଯାଉଥିବା ଏହି ଦୁଇ ନେତା ବବି ଓ ମାନସଙ୍କୁ ନେଇ ଏବେ ରାଜ୍ୟ ରାଜନୀତିରେ ପ୍ରବଳ ଚର୍ଚ୍ଚା । କୁହାଯାଉଛି କୁଆଡ଼େ ବବିଙ୍କ ଉପରେ ସୁପ୍ରିମୋଙ୍କର ଆଉ ଭରସା ପାଉନି । ଆଉ ଯାଜପୁରର କୁସୁମା କେଳେଙ୍କାରୀ କଥା ନକହିବା ତ ଭଲ । ବୋଧହୁଏ ସେଇଥିପାଇଁ ସବୁଥିରୁ ବାଦ୍ ପଡୁଛନ୍ତି ବବି ଓରଫ୍ ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ଆଉ ମାନସଙ୍କ କଥା ପଚାରେ କିଏ ।

### ଭରତପୁର ଥାନା...

ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ, ବ୍ରେନ୍ ମ୍ୟାପିଂ ଓ ନାର୍କୋ ଟେଷ୍ଟ ନିମନ୍ତେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଅନୁମତି ପ୍ରଦାନ କରି ସାରିଛନ୍ତି । ଏହାପରେ ଅନ୍ୟ ୪ ଜଣଙ୍କ ପଲିଗ୍ରାଫ ଟେଷ୍ଟ ନିମନ୍ତେ ଗତକାଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଆବେଦନ ହୋଇଥିଲା। ଏଥିନିମନ୍ତେ ମଧ୍ୟ ଗତକାଲି ଅନୁମତି ମିଳିସାରିଛି। ଏହି ୪ ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି ନିଲମ୍ବିତ ହୋଇଥିବା ଜଣେ ମହିଳା ସବ୍-ଇନ୍ସପେକ୍ଟର ଓ ୨ ମହିଳା ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର। ଏହି ତିନି ଜଣଙ୍କ ସହିତ ସେଦିନ ସେଠାରେ ଉପସ୍ଥିତ ଆଉ ଜଣେ ଏସ୍‌ଆଇଙ୍କର ମଧ୍ୟ ପଲିଗ୍ରାଫ ଟେଷ୍ଟ ହେବ। ଏହି ଘଟଣାର କେହି ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ଏହି ଏସ୍‌ଆଇଙ୍କୁ ଘଟଣାର ପ୍ରତ୍ୟକ୍ଷଦର୍ଶୀ ତଥା ସାକ୍ଷୀ ଭାବେ ଗ୍ରହଣ କରାଯାଇଛି। କିନ୍ତୁ ନିଲମ୍ବିତ କନଷ୍ଟେବଲଙ୍କର କୌଣସି ଟେଷ୍ଟ କରାଯିବ ନାହିଁ। ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର ନାର୍କୋ ଟେଷ୍ଟରେ ପାସ୍ କରିଗଲେ ଅଭିଯୋଗକାରିଣୀଙ୍କର ଲାଇ ଟିଟେକସନ୍ ଟେଷ୍ଟ, ପଲିଗ୍ରାଫ, ନାର୍କୋ ଆନାଲିସିସ ପାଇଁ ଆବେଦନ କରିପାରେ କ୍ରାଇମବ୍ରାଞ୍ଚ । ଯଦି ଫେଲ୍ ହୋଇଯାଆନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି କହିଛନ୍ତି ଆଇନ ବିଶାରଦ ।

### ମର୍ମନ୍ତୁଦ ବସ୍ ଦୁର୍ଘଟଣା...

ଉତ୍ତର ପ୍ରଦେଶର ସିଦ୍ଧାର୍ଥ ନଗର ଓ ବଳରାମପୁର ଜିଲ୍ଲା ରୁ ୫୭ ଜଣ ତୀର୍ଥ ଯାତ୍ରୀ କ୍ରିଷ୍ଣା ନାମକ ଏକ ତୀର୍ଥ ଯାତ୍ରୀ ବସ ଯୋଗେ ଗତ ୧୮ ତାରିଖ ରୁ ତୀର୍ଥ ଯାତ୍ରା ପାଇଁ ବାହାରି ଥିଲେ। ଗତ ରାତି ପ୍ରାୟ ୧୨.୩୦ ସମୟ ରେ କଲିକତା ରୁ ପୁରୀ ଅଭିମୁଖେ ଯାଉଥିବା ୬୦ ନମ୍ବର ଜାତୀୟ ରାଜପଥ ର ଏକତାଳି ବାଇପାସ ନିକଟରେ ବସ ଟି ଭାରସାମ୍ୟ ହରାଇ ଜାତୀୟ ରାଜପଥ ରୁ ୨୦ ଫୁଟ ତଳକୁ ଓଲଟି ପଡି ଥିଲା। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ଭ୍ୟାନ , ଜଳେଶ୍ୱର ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ୩ ରୁ ୪ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ହୋଇଥିଲା । ଘଟଣା ସ୍ଥଳରେ ଜଣେ ମହିଳାଙ୍କ ସମେତ ୪ ଜଣ ତୀର୍ଥ ଯାତ୍ରୀ ଙ୍କ ମୃତ୍ୟୁ ହୋଇଛି । ତେବେ କାଳ ରାତିର କିଟିମିଟି ଅନ୍ଧକାରରେ ଖବର ପାଇ ଦେବଦୂତ ହୋଇ ପହଞ୍ଚିଥିଲେ ଜଳେଶ୍ୱର ଆଇ ଆଇ ସି ରଞ୍ଜନ କୁମାର ସେଠୀ ଓ ଟିମ୍, ଅଗ୍ନିଶମ ବିଭାଗ । ଗୋଟେ ପଟେ ବସ ତଳେ ଚାପି ହୋଇ ରହିଥିବା ଲୋକ ଚିତ୍କାର କ୍ଷୀଣ ହେବାକୁ ଲାଗିଥିଲା । ବର୍ଷା ଓ ଅନ୍ଧକାର କୁ ଖାତିର ନକରି ଉଦ୍ଧାର କାର୍ଯ୍ୟରେ ମାତିଥିଲେ ଉପସ୍ଥିତ ପୋଲିସ, ଅଗ୍ନିଶମ ବିଭାଗ ଓ ସାଧାରଣ ଲୋକେ। ସେପଟେ ଜଳେଶ୍ୱର ହସ୍ପିଟାଲ ରେ ଉପସ୍ଥିତ ମେଡିକାଲ ଅଫିସର ପ୍ରତ୍ୟୁଷ ରଞ୍ଜନ ମହାପାତ୍ର ଓ ଦୁଇ ସହ ଯୋଗୀ ସନ୍ଦୀପ ମନ୍ ଓ ମୋନୋଜ ଜାଙ୍ଗିଡ ଉପସ୍ଥିତ ରହି ଆହତଙ୍କୁ କିପରି ଭଲ ଚିକିତ୍ସା ଦିଆଯାଇ ପାରିବ ଚେଷ୍ଟା ଚଳାଇ ଥିଲେ ।କାରଣ ଏଠି ପ୍ରତିଟି ଜୀବନ ଗୁରୁତ୍ୱପୂର୍ଣ୍ଣ ଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଆହତ ମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ବେଳେ ଉତ୍ତର ପ୍ରଦେଶ ପଠାଇବା ପାଇଁ ସ୍ୱତନ୍ତ୍ର ବସ ଓ ଆମ୍ବୁଲାନ୍ସ ର ବ୍ୟବସ୍ଥା କରାଯାଇଛି । ଏବଂ ମୃତକ ଜଣକ ହେଉଛନ୍ତି ଶାନ୍ତିରାମ ଯାଦବ,(୬୦), ରାମ ପ୍ରସାଦ ଯାଦବ ( ୫୫), ରାଜେଶ କୁମାର ମିଶ୍ର (୫୮), କଳମା ଦେବୀ (୭୦)। ଦିନ ୧୨ ଟା ସମୟ ରେ ଜି କେ ଭଟର ମେଡିକାଲ ରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର , ଉପଜିଲ୍ଲାପାଳ ସିକ୍ରେ ଏଂ ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଘଟଣା ର ସମୀକ୍ଷ କରିବା ସହିତ ମୃତକ ପରିବାର ଏବଂ ଆହତ ପରିବାର କୁ ସମବେଦନ ଜଣାଇଥିଲେ ।ଆସି ଜିକେ ଭଟ୍ଟର ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଭେଟିଥିଲେ। ପ୍ରତ୍ୟୁଷ ରଞ୍ଜନ ମହାପାତ୍ର ଦୁର୍ଘଟଣା ଘଟାଇ ଥିବା ବସ ର ଡ୍ରାଇଭର ଓ ହେଲ୍ପର ଫେରାର ଥିବାବେଳେ କଣ୍ଡକ୍ଟର ଓ ଏଜେଣ୍ଟ କୁ ଜଳେଶ୍ୱର ପୋଲିସ ଅଟକ ରଖି ଅଧିକ ତଦନ୍ତ କରୁଛି । ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର , ବିଜେପି ନେତା ବ୍ରଜମୋହନ ପ୍ରଧାନ, ସମାଜସେବୀ ଦିଲ୍ଲିପ ଗିରି, ସମୀର ପାତ୍ର, ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଦାସ୍, ବ୍ଲକ୍ କଂଗ୍ରେସ ନେତା ରାଜୀବ ପରିଡା ଦୁଃଖ ପ୍ରକାଶ କରିବା ସହିତ ଆହାତ ପରିବାର କୁ ସମବେଦନା ଜଣାଇଛନ୍ତି।

### ଉଦୟ ଦାସଙ୍କ 'ଶୂନ୍ୟ' ଓ ରତିକାନ୍ତ...

ଏକ ପୁସ୍ତକ ଲୋକାର୍ପଣ ଉତ୍ସବ । ବିଦ୍ୟାଭାରତୀର ନିର୍ଦ୍ଦେଶକ ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଗାଳ୍ପିକ ରତିକାନ୍ତ ବେହେରାଙ୍କ 'କୋକେଇ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସଂସ୍କୃତ ଲେଖକ ତଥା ବିଶ୍ୱଭାରତୀର ପ୍ରାକ୍ତନ ପ୍ରଫେସର ଡକ୍ଟର ଅରୁଣ ରଞ୍ଜନ ମିଶ୍ର ଏବଂ ଉଦୟ ନାରାୟଣ ଦାସଙ୍କ ଗଳ୍ପପୁସ୍ତକ 'ଶୂନ୍ୟ'କୁ ସାହିତ୍ୟିକା ତଥା ଧ୍ୱନିପ୍ରତିଧ୍ୱନିର ସଂପାଦିକା ସୈରିନ୍ଧ୍ରୀ ସାହୁ ଉନ୍ମୋଚନ କରିଥିଲେ । 'ଶୂନ୍ୟ' ପୁସ୍ତକକୁ ଆଲୋଚନା କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷାସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ଦେବାଶିଷ ପାତ୍ର କହିଲେ ବହୁ ବିଖ୍ୟାତ ଲେଖକଙ୍କ ଗଳ୍ପ ସହିତ ସମସ୍ପର୍ଦ୍ଧୀ ହୋଇ ପାରିଛନ୍ତି ଗାଳ୍ପିକ ଉଦୟ ଦାସ । 'କୋକେଇ ଓ ଅନ୍ୟାନ୍ୟ ଗଳ୍ପ'ର ସମୀକ୍ଷା କରି ଡକ୍ଟର ମଥୁରାନାଥ ହୋତା ସମସାମୟିକ ଅନେକ ଘଟଣାକୁ ନେଇ ରଚିତ ଅନେକ ସଫଳ ଗଳ୍ପର ସମାହାର ହେଉଛି ରତିକାନ୍ତଙ୍କ ଏହି ସଦ୍ୟତମ ଗଳ୍ପ ସଂକଳନ । ଏହି ସଭାରେ ଅନ୍ୟତମ ଅତିଥିବକ୍ତା ଭାବରେ ଯୋଗଦେଇଥିଲେ କବୀ ଓ ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ । ସଭା ଆରମ୍ଭରେ ଭଜନ ପରିବେଷଣ କରିଥିଲେ ବିଜୟ ପାଣିଗ୍ରାହୀ ଏବଂ ସୁରଥ ପଣ୍ଡା । ମନୋଜ ଦାସଙ୍କ ଗପଟିଏ କହି ସମସ୍ତଙ୍କୁ ଚମକୃତ କରିଥିଲେ ୫ପଞ୍ଚମ ଶ୍ରେଣୀ ଛାତ୍ର ଅଂଶୁମାନ ଜେନା । ଧନ୍ୟବାଦ ପ୍ରଦାନ କରିଥିଲେ ବହିଘର ନିର୍ଦ୍ଦେଶିକା ମଞ୍ଜୁଲତା ବଳ । ସମଗ୍ର କାର୍ଯ୍ୟକ୍ରମର ସଞ୍ଚାଳନରେ ସହଯୋଗ କରିଥିଲେ ଶୁଚିସ୍ମିତା କର, ବିଦ୍ୟାଧର ନାୟକ, ଦେବାଶିଷ ପଣ୍ଡା, ଅପର୍ଣ୍ଣା ଜେନା, ଲଳିତ ମୋହନ ଦାସ ଏବଂ ଦେବାଶିଷ ପଣ୍ଡା ।

# ଶିକ୍ଷା ବିଭାଗର ଆଲୋଚନାଚକ୍ର

ଉଦଳା , ୨୯/୯ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ଆଜି ସେପ୍ଟେମ୍ବର ୨୮ ତାରିଖ ଶନିବାର ଦିନ କମ୍ପ୍ୟୁଟରର ବ୍ୟବହାର ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍ ?ଘାଟନ କରିବା ସହ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସି ପ୍ରସଂସା କରିଥିଲେ । ଶିକ୍ଷା ବିଭାଗର ମୁଖ୍ୟ ଅଧାପିକା ମେରିନା ପଣ୍ଡା ମଂଚ ପରିଚାଳନା କରିବା ସହ କମ୍ପ୍ୟୁଟରର ବ୍ୟବହାର ସମ୍ପର୍କରେ ଜାଣିବା ଆଜି କିପରି ସମସ୍ତଙ୍କ ପକ୍ଷେ ଜରୁରି ହୋଇ ପଡ଼ିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧରେ ଅଧ୍ୟାପକ ରବି ନାରାୟଣ ମହାପାତ୍ର ଓ ରାଜକିଶୋର ବେହେରା କମ୍ପ୍ୟୁଟର ବିଷୟରେ ଆଦୌ କିଛି ନଜାଣିଥିବା ବ୍ୟକ୍ତି ସବୁ କ୍ଷେତ୍ରରେ ପଛରେ ପଡ଼ିବାକୁ ବାଧ ହେବେ ଏଥିରେ ସନ୍ଦେହ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଶିକ୍ଷା ବିଭାଗର ଛାତ୍ରୀ ସୁଭଦ୍ରା ଖଣ୍ଡେଇ, ରୋଜାଲି ସେନାପତି, ହିରନ୍ମୟି ପୁହାଣ ଓ ଜୟନ୍ତି ସିଂ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଶେଷରେ ଅଧାପିକା ଲକ୍ଷ୍ମୀପ୍ରିୟା ସାମଲ କମ୍ପ୍ୟୁଟର କିପରି ବହୁ କଷ୍ଟକର କାମକୁ ଅତି ସହଜ କରି ଦେଇଛି କହିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




# ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

ନୀଳଗିରି, ୨୯/୯ (ନି.ପ୍ର): ଜନ୍ମ ହେଲେ ମୃତ୍ୟୁ ସତ୍ୟ। ଏ କଥା ସମସ୍ତେ ଜାଣନ୍ତି ।କିନ୍ତୁ ବେଳେ ବେଳେ ଏମିତି ମୃତ୍ୟୁ ଆସେ,କେହି କିଛି ଭାବିବା ପୂର୍ବରୁ ,ତାହା ଘଟିଯାଇଥାଏ। ସେପରି ଏକ ମୃତ୍ୟୁ ଯୁବବ୍ୟବସାୟୀ ଭାଗିରଥୀ ମଳିକଙ୍କର ହୋଇଛି। ନୀଳଗିରି ବଜାରରେ ତାଙ୍କର ଏକ ଲେଡିଜ୍ କର୍ଣରର ସହିତ ଡ୍ରେସ ଦୋକାନ ଥିଲା। ସୂଚନାରୁ ଜଣାଯାଇଛି, ଗତ ବୁଧବାର ଦିନ ବିଲରେ କାମ କରୁଥିବା ବେଳେ, ହଠାତ୍ ଅଚେତ୍ ହୋଇ ପଡ଼ିଯାଇଥିଲେ ।ତାଙ୍କୁ ସଙ୍ଗେ ସଙ୍ଗେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେହାରୁ ତାଙ୍କୁ ଅଧିକ ଉନ୍ନତ ଚିକିତ୍ସା ପାଇଁ ରେଫର୍ କରାଯାଇଥିଲା। ପରେ ପରିବାର ଲୋକ, ତାଙ୍କୁ ଭୁବନେଶ୍ୱର ଏମ୍ସ ଓ ଆମ୍ରି ହସ୍ପିଟାଲ ନେଇଥିଲେ ମଧ, ଡାକ୍ତରଖାନା କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ରଖିନଥିଲେ। ତେଣୁ ପରିବାର ଲୋକ ବାଧ ହୋଇ ଖଣ୍ଡଗିରି ସ୍ଥିତ ହିଲ୍ ସାଇଡ ନର୍ସିଂ ହୋମ୍ ରେ ନେଇ ଚିକିତ୍ସା କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ତିମ ସଂସ୍କାର ପାଇଁ, ତାଙ୍କ ଶବକୁ ଧୋବଶିଳା ସ୍ଥିତ ବାସଭବନକୁ ଆଣିବା ପରେ, ଧୋବଶିଳା ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇ ଥିଲା ।ତାଙ୍କ ଅନ୍ତିମ ଶଯ୍ୟା ନିକଟରେ ସ୍ତ୍ରୀ ପ୍ରଭାସିନୀ,ଦୁଇ ଝିଅ ପ୍ରଜ୍ଞା ପାରମିତା,ମୌସୁମୀ ଓ ଜ୍ୱାଇଁ ବାସୁଦେବ ମଲ୍ଲିକଙ୍କ ସହିତ ସମସ୍ତ ଆତ୍ମୀୟ ସ୍ୱଜନ, ପଡୋଶୀ ନୀଳଗିରିରୁ ଆସିଥିବା ବ୍ୟବସାୟୀ ବନ୍ଧୁମାନେ ଉପସ୍ଥିତ ଥିଲେ। ବାସ୍ତବରେ ସେ ଅତ୍ୟନ୍ତ ମିଷ୍ଟ ଭାଷୀ,ପରୋପକାରୀ ତଥା ମେଳାପୀ ପ୍ରକୃତିର ବ୍ୟକ୍ତି ଥିଲେ। ସମସ୍ତଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଥିଲା। ତାଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି।

# ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ରାଜ୍ୟସ୍ତରରେ ସମ୍ମାନିତ

ବାରିପଦା , ୨୯/୯ (ନି.ପ୍ର): ଭୁବନେଶ୍ୱର ଠାରେ ବିଶ୍ୱ ବଧିର ସପ୍ତାହ ୨୦୨୪ ଉପଲକ୍ଷେ ଶ୍ରବଣ ବାଧିତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସମାଜ ଓ ବିଦ୍ୟାଳୟ ସ୍ତରରେ ଏକ ବନ୍ଧୁତ୍ୱ ପୂର୍ଣ ପରିବେଶ ସୃଷ୍ଟି କରିବା ଉଦେଶ୍ୟରେ ଏକ ରାଜ୍ୟ ସ୍ତରୀୟ କର୍ମଶାଳା ମିଶନ ଡେଫ ଇନକ୍ଲୁଜନ ସାଧନା ମୟୂରଭଞ୍ଜ, କାର୍ଡ ଓ ଲିପିକା, ଗଞ୍ଜାମ, ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମଙ୍କ ସଶକ୍ତିକରଣ ବିଭାଗ, ଡ଼େଫ ଚାଇଲ୍ଡ ୱାର୍ଲ୍ଡ ୱାଇଡ, ୟୁନାଇଟେଡ କିଙ୍ଗଡମଙ୍କ ମିଳିତ ସହାୟତାରେ ଆୟୋଜିତ ହୋଇ ଥିବା ବେଳେ, ଭିନ୍ନକ୍ଷମ ମାନଙ୍କ ପାଇଁ କାର୍ଯ୍ୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସମଗ୍ର ଶିକ୍ଷା, ମୟୂରଭଞ୍ଜର ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧନାର ନିର୍ଦ୍ଦେଶକ ରଞ୍ଜିତ କୁମାର ମହାପାତ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ, ଶିଶୁ ଅଧିକାର ସୁରକ୍ଷା ପାଇଁ ରାଜ୍ୟ ଆୟୋଗ ମନ୍ଦାକିନୀ କର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଡେପୁଟି ସେକ୍ରେଟାରୀ ସନ୍ୟାସି ବେହେରା, ଭିନ୍ନକ୍ଷମଙ୍କ ପାଇଁ ରାଜ୍ୟ ଆୟୋଗର



ଅଧିକାରୀ ପି. ସି. ସାହୁ, ଭିନ୍ନକ୍ଷମଙ୍କ ପାଇଁ ଜାତୀୟ ବୃତ୍ତି ସେବା କେନ୍ଦ୍ର (ଭି.ଆର.ସି.) ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ରାମ କୁମାର ଶର୍ମା, ଓସେପାର ରାଜ୍ୟ ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ଅଶୋକ କୁମାର ମହାପାତ୍ର, ଡ଼େଫ ଚାଇଲ୍ଡ ୱାର୍ଲ୍ଡ ୱାଇଡର ଦକ୍ଷିଣ ଏସିଆ ମୁଖ୍ୟ ସମ୍ପା ନାଥ, ସାଧନାର ପ୍ରତିଷ୍ଠାତା ପ୍ରଭାକର ସାହୁ ପ୍ରମୁଖ ଯୋଗ ଦେଇ ଶ୍ରୀ ନାଏକ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କପ୍ତିପଦା ଆଦ୍ୟାଶକ୍ତି ବିରାଟେଶ୍ୱରୀ ପୀଠରେ ମହାପାର୍ବଣ ମହୋତ୍ସବ: ଷୋଡଶ ଦିନାତ୍ମକ ପୂଜାରମ୍ଭ

କପ୍ତିପଦା, ୨୯/୯ (ନି.ପ୍ର): କପ୍ତିପଦା ରାଜବାଟୀରେ ଆଦ୍ୟାଶକ୍ତି ବିରାଟେଶ୍ୱରୀଙ୍କର ମହାପାର୍ବଣ ମହୋତ୍ସବ ଆରମ୍ଭ ହୋଇଯାଇଛି । ଆଶ୍ୱୀନ ମାସ(ମୂଳାଷ୍ଟମୀ)ର ମା' ଆଦ୍ୟାଶକ୍ତି ବିରାଟେଶ୍ୱରୀଙ୍କର ପୀଠରେ ଷୋଡଶ ଦିନାତ୍ମକ ମହାପାର୍ବଣ ମହୋତ୍ସବ ଆରମ୍ଭ ହୋଇଯାଇଛି । ଏହି ଦିନ ଠାରୁ ମା' ଙ୍କର ବିରାଟ ଦେଶର ରାଜକୀୟ ନୀତିନିୟମ ଅନୁଯାୟୀ ପୂଜା ଆରମ୍ଭ ହୋଇଥାଏ । ଯେବେ ଠାରୁ ମା' ବୀରାଟେଶ୍ୱରୀଙ୍କର ଆର୍ବିଭାବ ହେଲା ସେବେ ଠାରୁ ବିରାଟ ଦେଶର ଅଧିଷ୍ଠାତ୍ରୀ ଦେବୀ । ସେଥିପାଇଁ ତାଙ୍କ ପୂଜା ସଂକଳ୍ପରେ ସଂପୂର୍ଣ୍ଣ ଅଖଣ୍ଡ ବିରାଟ ଦେଶର



ମଙ୍ଗଳ କାମନା ଓ ସମସ୍ତ ଉପଦ୍ରବର ନାଶ ପାଇଁ ପୂଜା କରାଯାଇଥାଏ । ପ୍ରାଚୀନ ବିରାଟ ଦେଶର କଳାକୃତି ବିଭାଜିତ ହୋଇ ଭିନ୍ନ ଭିନ୍ନ ରାଜବଂଶ ଦ୍ୱାରା ଶାସିତ ହୋଇଥିଲା । ବିରାଟ ଦେଶର ରାଜା ଆଦ୍ୟାଶକ୍ତ ବିରାଟେଶ୍ୱରୀଙ୍କର ପୂଜା କଲେ ସଂପୂର୍ଣ୍ଣ ଷଡଷଠୀ ଯୋଜନା କ୍ଷେତ୍ରପାଳରେ ବାସ କରୁଥିବା ସମସ୍ତ ପ୍ରଜାଙ୍କ ମଙ୍ଗଳ କାମନା ନେଇ ମା'ଙ୍କ ପୂଜା କରାଯାଇଥାଏ । ମା'ଙ୍କ ପୀଠରେ ମହାଷ୍ଟମୀ ଦିନ ନବଶକ୍ତି କଳସ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ଯାତ୍ରାରେ କେବଳ କୁମାରୀ କନ୍ୟାମାନେ ଭାଗ ନେଇଥାଆନ୍ତି ।

# ବିଦ୍ୟାଳୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଲଙ୍ଗଳେଶ୍ୱର , ୨୯/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସାଉଡି ପଞ୍ଚାୟତ ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ବୋଲଂ ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ତ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସରକାରଙ୍କ ସୁରଭି ୨୦୨୪ ପ୍ରତିଯୋଗିତା କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ ଟି ବିଦ୍ୟଳାୟର ପାଖା ପାଖି ୨୩୦ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ସାଧନ କେନ୍ଦ୍ର ସଂଯୋଜକ ସରୋଜ କୁମାର ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ପଞ୍ଚାନନ ପ୍ରଧାନ, ସମ୍ମାନିତ ଅତିଥି ସରପଞ୍ଚ ଧରଣୀ ଧର ମଲ୍ଲିକ, ମୁଖ୍ୟ ବକ୍ତା ଖଗେନ୍ଦ୍ର ନାଥ ମୁର୍ମୁ, ସମ୍ମାନିତ ବକ୍ତା ପରେଶ ଚନ୍ଦ୍ର ବେହେରା. ପ୍ରକାଶ ଚନ୍ଦ୍ର ଦତ୍ତ. ସୁକୁଲାଲ ହାଁସଦା, ସାଲକୁ ମୁର୍ମୁ, ଶ୍ୟାମ ସୁନ୍ଦର ମାଝୀ, ବାଣେଶ୍ୱରୀ



ଜେନା, ବିଦୁର ପର୍ଡ଼ିଆରୀ, ବିମଳଜେନା, ଭବାନୀ ଶଙ୍କର ବେହେରା, ସନ୍ଧ୍ୟା ରାଣୀ ରାଉତ, ଉର୍ମିଳା ବେହେରା, ଅରୁଣ କୁମାର ଜେନା, ଗିରି ଧାରି ରଣା, ତ୍ରିଲୋଚନ ବେହେରା, କାର୍ତିକ ସାହୁ, ବୈକୁଣ୍ଠ ଜେନା, ରଘୁନାଥ ମାଝୀ, ନିରଞ୍ଜନ ମହାନ୍ତି, ସଲମା ଟୁଡୁ, ସଞ୍ଜୟ ନାୟକ, ଭଗୀରଥ ପାଟୟତ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ନିରଞ୍ଜନ ଘଡ଼ାଇ, ବାବୁରାମ ମାରାଣ୍ଡି. ନିବେଦିତା ସାହୁ, ସୁବାଶିଷ ମଲ୍ଲିକ, ବ୍ରଜ କିଶୋର ସାମଲ, ଦୁର୍ଗା ମାଝୀ, ସତ୍ୟବ୍ରତ ସାହୁ, ଏସ ଏମ ସି ର ସଭାପତି ବିକ୍ରମ ବେହେରା, ଜାଗର ମଲ୍ଲିକ ଏବଂ କମିଟିର ଅନ୍ୟ ସଦସ୍ୟ ସଦସ୍ୟା ମାନେ ସହଯୋଗ କରି ଥିଲେ ଏଥିରେ, ତର୍କ, ସୃଜନଶୀଳ ଲିଖନ, ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, କୁଇଜ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା।

# ଚାଉଳିତି ମୁହାଣରୁ ମୃତ ଦେହ ଉଦ୍ଧାର



ଲଙ୍ଗଳେଶ୍ୱର , ୨୯/୯ (ନି.ପ୍ର): ଗତ ତିନି ଦିନ ତଳେ ସମୁଦ୍ର କୁ ମାଛ ମାରିବାକୁ ଯାଇ କଷାଫଳ ମୁହାଣ ରୁ ନିଖୋଜ ହୋଇ ଯାଇ ଥିବା ଯୁବକ ଙ୍କ ମୃତ ଦେହ ଚାଉଳତି ସମୁଦ୍ର କୂଳରୁ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ କୋଇଲିସାହି ଗ୍ରାମର ବଂଶୀଧର ସେଠୀ ଗତ ୨୬ତାରିଖ ଅପରାହ୍ନ ରେ ବୋଟ୍ ସାହାୟ୍ୟ ରେ ଅନ୍ୟ ମତ୍ସ୍ୟଜିବୀ ମାନଙ୍କ ସହ କଷାଫଳ ମୁହାଣ ରୁ ଗଭୀର ସମୁଦ୍ର କୁ ମାଛ ଧରିବା ପାଂଇ ଯାଇ ଥିଲେ, ସେଦିନ ସଂଧ୍ୟା ରେ ତୁହା କୁ ତୁହା ବର୍ଷା ଏବଂ ପବବନ ମାଡ ହେବା ଫଳରେ ଭାରସାମ୍ୟ ହରାଇ ବୋଟ୍ ଟି ଓଲଟି ପଡିଥିଲା, ବୋଟ୍ ରେ ଥିବା ଅନ୍ୟ ମତ୍ସ୍ୟଜିବୀ ମାନେ ବହୁ ଚେଷ୍ଟା କରି କୂଳକୁ ଫେରି ଆସି ଥିଲେ ମଧ୍ୟ ବଂଶୀଧର ନିଖୋଜ ହୋଇ ଯାଇ ଥିଲେ, ବହୁ ଖୋଜାଖୋଜି କରିବା ପରେ ବଂଶୀଧର ଙ୍କ ପରିବାର ଲୋକେ ବାହାବଳପୁର ମେରାଇନ୍ ଥାନା ରେ ଲିଖିତ ଅଭିଯୋଗ କରିଥିଲେ, ଆଜି ସକାଳେ ବଂଶୀଧର ଙ୍କ ମୃତ ଦେହ ବାଲିଆପାଳ ଥାନା ଅନ୍ତର୍ଗତ ଚାଉଳତି ଗ୍ରାମ ନିକଟସ୍ଥ ସମୁଦ୍ର କୂଳ ରେ ଭାସୁ ଥିବା ର ଦେଖି ବାଲିଆପାଳ ପୋଲିସ ଏବଂ ମୃତକ ଙ୍କ ପରିବାର ଲୋକ ଙ୍କୁ ଖବର ଦେଇ ଥିଲେ, ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସୂର୍ଯ୍ୟ ନାରାୟଣ ନାୟକ ସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା କେସ ନଂ ୪୬ ରୁଜୁ କରି ଶବ ବ୍ୟବଚ୍ଛେଦ ପାଂଇ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି, ତେବେ ମୃତକ ବଂଶୀଧର ଜଣେ ଅତ୍ୟନ୍ତ ଗରୀବ ପରିବାର ର ହୋଇଥିବା ରୁ ତାଙ୍କ ପରିବାର କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବା କୁ ଦାବି ହେଉଛି।

# ମୟୂରଭଞ୍ଜ ଲେଖକ ସାମ୍ମୁଖ୍ୟ ତରଫରୁ ଶ୍ରଦ୍ଧାଞ୍ଜଳି ସଭା



ବଡ଼ସାହି , ୨୯/୯ (ନି.ପ୍ର): ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ଲେଖକ ସାମ୍ମୁଖ୍ୟ ତରଫରୁ ସାମ୍ମୁଖ୍ୟର ସଦସ୍ୟ ତଥା ଜଣେ ଆଧାତ୍ମିକ ପୁରୁଷ ସର୍ଗତ ବିଜୟ କୁମାର ମହାନ୍ତିଙ୍କ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ସ୍ମୃତିଚାରଣ ସଭା ଲେଖକ ଭାଗବତ ପଣ୍ଡାଙ୍କ ସଭାପତିତ୍ୱରେ ସ୍ଥାନୀୟ ରୋଟାରୀ କ୍ଲବ ଅଫ୍ ହେରିଟେଜ, ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସର୍ଗତଃ ମହାନ୍ତିଙ୍କ ପାଇଁ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ବିଶିଷ୍ଟ କବି, ନାଟ୍ୟକାର, ଗାଳ୍ପିକ ଓ ଔପନ୍ୟାସିକ ହରିହର ମିଶ୍ରଙ୍କ ଅମର ଆତ୍ମାର ସଦ୍ ?ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ମୁଖ୍ୟ ଅତିଥି ଡା. ପାର୍ଥ ସାରଥୀ ଜେନା ତାଙ୍କ ଅଭିଭାଷଣରେ ସର୍ଗତଃ ମହାନ୍ତିଙ୍କର ଗୁଣାବଳୀ ସମ୍ପର୍କରେ ସ୍ମୃତିଚାରଣ କରି ତାଙ୍କ ପ୍ରଚେଷ୍ଟାରେ ଇଂଜପୁର ଜଗଦ୍ଧାତ୍ରୀ ପଡିଆଠାରେ ଶ୍ରୀରାଧାମାଧବ ମନ୍ଦିର ପ୍ରତିଷ୍ଠା ଓ ଦୋଳମେଳଣ ସହିତ ବିଭିନ୍ନ ପ୍ରକାର ଆଧାତ୍ମିକ କାର୍ଯ୍ୟ ସହିତ ଜଡ଼ିତ ଥାଇ ତାଙ୍କ ଜୀବନ ଅତିବାହିତ କରିଥିଲେ ବୋଲି ଉଲ୍ଲେଖ କରିଥିଲେ । ସଭାପତି ଶ୍ରୀ ପଣ୍ଡା ଭାଗବତ ଚେତନା ପରିଷଦ ପ୍ରତିଷ୍ଠା କରି ବିଜୟବାବୁ କିପରି ଶ୍ରୀମଦ୍ ଭାଗବତର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରୁଥିଲେ ତାହା ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ନାୟକ, ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ । ପରିଶେଷରେ ସାମ୍ମୁଖ୍ୟର ଉପ-ସଭାପତି ସୁଧାମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରକବାଟକୁ ଜାଳିଦେଇ ଡକାୟତି

କପ୍ତିପଦା, ୨୯/୯ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ ନୂଆସାହି ଗ୍ରାମରେ ଗତକାଲି ରାତିରେ ଡକାୟତି ହୋଇଛି । ଘଟଣାରୁ ପ୍ରକାଶ ନୂଆସାହି ଗ୍ରାମର ଅଂଜନ ନାୟକ ସପତ୍ନୀକ ୨ ଦିନ ପୂର୍ବରୁ ନିଜ ଝିଅକୁ ସୁଦୂର ଫୁଲବାଣୀ ଜିଲ୍ଲାକୁ ଛାଡିବାକୁ ଯାଇଥିଲେ । ତେବେ ଗତକାଲି ସେ ଘରକୁ ଫେରି ଦେଖନ୍ତି ତ ଘରୁ ଚୋରୀ ହୋଇଯାଇଛି । ଡକାୟତମାନେ ଛାତ ଉପର ଦେଇ ଘର ଭିତରକୁ ପଶି ଥିଲେ ହେଁ ଘରର ମୁଖ୍ୟ ଦ୍ୱାର ବାଧକ ସାଜିଥିଲା । ଅନ୍ୟୋପାୟ ହୋଇ ମୁଖ୍ୟଦ୍ୱାର କବାଟକୁ ଜାଳି ଦେଇଥିଲେ । ପରେ ଘର ଭିତରକୁ ପଶି ଲୁହା ଗୋଦରେଜକୁ ଭାଙ୍ଗି ତା'ମଧରେ ଥିବା ୫୦ହଜାର ଟଙ୍କା, ୩ଟି ସୁନାଚେନ୍ ଓ ଦୁଇଟି ଏଲସିଡି ଟିଭିକୁ ଚୋରୀକରି ନେଇଥିବାର ଜାଣିବାକୁ ପାଇଥିଲେ । ଏହାପରେ ଗୃହକର୍ତ୍ତା ଶ୍ରୀ ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ କେଶ ନଂ ୨୪୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଆଜି ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ କରି ଫେରିଯାଇଛନ୍ତି ।

# ଚାନ୍ଦିପୁର ବେଳାଭୂମିଠାରେ ବିଶ୍ୱ ସାମୁଦ୍ରିକ ଦିବସ ପାଳିତ



ବାଲେଶ୍ୱର, ୨୯/୯ (ନି.ପ୍ର): ବିଶ୍ୱ ସାମୁଦ୍ରିକ ଦିବସ ପରିପ୍ରେକ୍ଷୀରେ ଆଜି ସକାଳ ଘ. ୭ ମି ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚାନ୍ଦିପୁର ବେଳାଭୂମି ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ସଭାରେ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ ଦତ୍ତ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ, ଇଓ ଜିଲ୍ଲାପରିଷଦ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ସଦର ବିଡ଼ିଓ ଶ୍ରୀ ସମରଜିତ କର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବହୁ ସଂଖ୍ୟାରେ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ମାର୍କେଟ କମିଟି, ହୋଟେଲ ଆସୋସିଏସନ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ ବେଳାଭୂମିର ସାମୁହିକ ସଫେଇ, ପଦଯାତ୍ରା, 'ଏକ ପେଡ଼ ମା' କେ ନାମ' କାର୍ଯ୍ୟକ୍ରମ ଅନ୍ତର୍ଗତ ବୃକ୍ଷରୋପଣ ଅଭିଯାନ ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ନୂତନ ଭାବେ ଉନ୍ନୀତ ହୋଇଥିବା ଏକ ଉନ୍ନତ ଶୌଚାଳୟର ଉଦଘାଟନ କରାଯାଇଥିଲା। ଅଂଶଗ୍ରହଣକାରୀ ମାନେ ମିଳିତ ଭାବେ ପରିବେଶ ସଚେତନତା ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ସଚେତନତା ରାଲିରେ ଯୋଗ ଦେଇ ସ୍ୱଚ୍ଛତାର ଶପଥ ପାଠ କରିଥିଲେ ଓ ପରିଶେଷରେ ଅଞ୍ଚଳର ସଫେଇ ମିତ୍ରମାନଙ୍କୁ ପିପିଇ କିଟ୍ ବଣ୍ଟନ କରାଯାଇଥିଲା।

# ବନ୍ୟା କ୍ଷୟକ୍ଷତି ପ୍ରଦାନ ନେଇ ତହସିଲ ଏବଂ ବ୍ଲକ ପ୍ରଶାସନଙ୍କ ସହ ଆଲୋଚନା କଲେ ବସ୍ତା ବିଧାୟିକା

ଲଙ୍ଗଳେଶ୍ୱର, ୨୯/୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖାର ପ୍ରଳୟଙ୍କରୀ ବନ୍ୟାରେ ବାଲିଆପାଳ ବ୍ଲକର ବହୁ ପଞ୍ଚାୟତ ଜଳମଗ୍ନ ହେବା ସହ ବାସଘର, ଗୁହାଳ, ଆସବାବପତ୍ର ଏବଂ ବ୍ୟାପକ ପନିପରିବା,ଧାନ ଫସଲ ନଷ୍ଟ ହୋଇଛି । ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷୟକ୍ଷତି ପ୍ରଦାନ ନେଇ ତହସିଲ ଏବଂ ବ୍ଲକ ପ୍ରଶାସନ ସହ ଆଲୋଚନା କରିଛନ୍ତି ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ।ଶୁକ୍ରବାର ବାଲିଆପାଳ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ବିଧାୟିକା ଶ୍ରୀମତୀ ଜେନା ଚଳିତ ବନ୍ୟାରେ ସମ୍ମୁଖୀନ ହୋଇଥିବା ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତର ବନ୍ୟା ପ୍ରପୀଡ଼ିତ ଗ୍ରାମବାସୀଙ୍କୁ ବନ୍ୟା କ୍ଷୟକ୍ଷତି ଜନିତ ସରକାରୀ ସହାୟତା ପ୍ରଦାନ ନେଇ ତହସିଲଦାର ଜନକ କୁମାର ନାୟକଙ୍କ ସହ ଆଲୋଚନା କରିଥିଲେ । ସେହିପରି ବାଲିଆପାଳ ବ୍ଲକ କାର୍ଯାଳୟରେ ପହଞ୍ଚି ବନ୍ୟା ପ୍ରପୀଡ଼ିତଙ୍କୁ ସରକାରୀ ସହାୟତା ପ୍ରଦାନ ନେଇ, ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ବେଣୁଧର ଜେନା,ଅଜୟ କୁମାର ସାମଲ ଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ,ସମିତି ସଦସ୍ୟ ଏବଂ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ: ଭୁବନେଶ୍ୱର ଓ ଖୋର୍ଦ୍ଧା ବିଜୟୀ

ପାରାଦୀପ, ୨୯/୯ (ନି.ପ୍ର): ପାରାଦୀପ ବନ୍ଦର ଓ ଓଡ଼ିଶା ଫୁଟବଲ ଆସୋସିଏସନର ମିଳିତ ଆନୁକୁଲ୍ୟରେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ୬୩ ତମ ସାହାଣୀ କପ ଫୁଟବଲର ଆଜି ଥିଲା ଚତୁର୍ଥ ଦିନ। ତେବେ ଚତୁର୍ଥ ଦିନ ରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ଭୁବନେଶ୍ୱର ପାରାଦୀପକୁ ୪-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ସେହିପରି ଦ୍ୱିତିୟ ମ୍ୟାଚରେ ଖୋର୍ଦ୍ଧା କେନ୍ଦ୍ରାପଡ଼ାକୁ ୪-୦ ଗୋଲ ବ୍ୟବଧାନରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଆସନ୍ତା କାଲି କଟକ ପୁରୀକୁ ଭେଟୁଥିବାବେଳେ ଗଞ୍ଜାମ ଜଗତସିଂହପୁରକୁ ଭେଟିବ ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo